Split by PDF Splitter



ତିନଗୋଟି ଅନ୍ନଛତ୍ର ଉଠିଯାଇଅଛି । ଆମ୍ଭମାନଙ୍କ ବିବେଚନାରେ ଅଧିକ ଛତ୍ର ଅଧିକ ଅପବ୍ୟୟର ମୂଳ ।

ଈଶ୍ୱର ନ କରନ୍ତୁ ଯେବେ ଏବର୍ଷ ମଧ୍ୟ ଅନ୍ନଛତ୍ର ରଖିବାର ଆବଶ୍ୟକ ହୁଅଇ ତେବେ ଅଳ୍ପ ସ୍ଥାନରେ କଙ୍ଗାଳଙ୍କୁ ପୋଷିବାର ଉଚିତ ।

ବଙ୍ଗ ପ୍ରଦେଶର ସାରଦ ଫସଲର ଅବସ୍ଥା ପକ୍ଷରେ ବୋର୍ଡ଼ରେବନ୍ୟୁ ଯେ ରିପୋର୍ଟ ଜଣାଇଅଛନ୍ତି ସେଥିରୁ ଅବଗତ ହେଲୁଁ ଯେ ଭାଗଲପୁର, ପାଟନା, ରାଜସାହି, ନଦିୟା, ଡିବିଜନମାନଙ୍କର ପ୍ରଚୁର ଶସ୍ୟ ଉତ୍ପନ୍ନ ହେବାର ଆଶାଅଛି । ଅନେକ ସ୍ଥଳରେ ଏପରି ସୁପାଳକ ହୋଇ ଅଛି ଯେ କେତେକ ବର୍ଷ ହେଲା ସେ ରୂପ ହୋଇ ନ ଥିଲା । ମେଦନୀ ପୁରରେ ମଧ୍ୟ ଏହିପରି ହୋଇଅଛି, କଟକ ଡିବିଜନରେ ହାରାହାରି ଆଠପଣ ଶସ୍ୟ ପ୍ରାପ୍ତ ହେବାର ଆଶାଅଛି ଏଥିମଧ୍ୟରେ ବାଲେଶର କଟକ ଓ ପୁରୀ ଅପେକ୍ଷା ଭଲ ।

ବିଆଲି ଫସଲ ବୋଗରା ଓ ଦିନାଜପୁରରେ ଉତ୍ତମ ଓ ମାଲଦହରେ ତଦପେକ୍ଷା ଭଲ ମୁରସିଦାବାଦ ପାବନା ରାଜସାହୀ ଓରେଙ୍ଗପୁର ଜିଲାମାନଙ୍କର ଅତି ଉତ୍ତମ ଓ ହଜାରିବାଗ ଓ ଲୋହାର ଡଙ୍ଗାରେ ପ୍ରଚୁର ପରିମାଣରେ ହୋଇଅଛି । ସିଂହଭୂମ ଜିଲାରେ ଷୋଳଅଣା ବିଆଲି ଖେତ କଟା ହୋଇଅଛି ।

ଗତକାଲିରେ ପୁନର୍ବାର ଚାଉଳ ୧୨ ସେର ଭାଉରେ ବିକି ହେଲା । ଏ ଭାଉ ବଦଳ ନିବାରଣ କରିବାର କି କିଛି ଉପାୟ ନାହିଁ ?

ହିନ୍ଦୁ ପେଟ୍ରିଅଟ ଶ୍ରବଣ କରି ଅଛନ୍ତି ଯେ ଅଯୋଧ୍ୟାର ମାଯୁଲି ରାଜାଙ୍କର ପୋଷ୍ୟପୁତ୍ର ଗୋଟିଏ ବାକସ କି ତହିଁରେ ସୁବର୍ଣ୍ଣ ମୁଦ୍ରା ଓ ବହୁ ମୂଲ୍ୟ ରତ୍ନମାନ ଥିଲା ତାହା ଚୋରି କରିବା ଅଭିଯୋଗରେ ପୁଲିସର ନଜରବନ୍ଦୀରେ ଅଛନ୍ତି । ରାଜାଙ୍କ ପ୍ରଧାନ ବେଗମ (ପାଟରାଣୀ) ଏ ମକଦମାରେ ଫରିଆଦୀ ଅଟନ୍ତି । ବୋଧ-ହୁଅଇ ପୋଷ୍ୟପୁତ୍ର ବୋଲି ରାଣୀ ଏପ୍ରକାର କଲେ । ଗର୍ଭଜାତ ସନ୍ତାନ ହୋଇଥିଲେ କି ତାହାଙ୍କ ନାମରେ ନାଲିଶ କରନ୍ତେ ?

ଆମେରିକା ଖଣ୍ଡରେ ଯୁଦ୍ଧ କଦାଚ ବନ୍ଦହେବାର ନୁହଇ ବର୍ତ୍ତମାନ ସମୟରେ ଏକ ଭୟାନକ ଯୁଦ୍ଧ କାଣ୍ଟିସ୍ଥାରେ ହୋଇ ଯାଇଥିବାର ତାର ଡାକରେ ସମ୍ବାଦ ଆସିଅଛି ।

ରୁଷ ଦେଶରେ ରେଲଗାଡ଼ି ରାସ୍ତା ଏ ରୂପ ଆଦରଣୀୟ ହୋଇ ଅଛି ଯେ ଭୂମ୍ୟାଧିକାରୀମାନେ ବିନାମୂଲ୍ୟରେ ଆପଣା ଅଧିକାରସ୍ଥ ଭୂମିରେ ରାସ୍ତା ସକାଶେ ପ୍ରୟୋଜନୀୟ ଜମିଗୁଡ଼ା ଦେଉଅଛନ୍ତି ।

Digitized by srujanika@gmail.com

Split by PDF Splitter



ହିନ୍ଦୁ ପେଟ୍ରିଅଟ ଲେଖନ୍ତି ଯେ ସାନପାଲ ନାମକ ସ୍ଥାନର ଉନାନଦୀ ମୁହାଣ ନିକଟ ସମୁଦ୍ର ତଟରେ ଗୋଟିଏ ବୃହଦାକାର ଜଳଜନ୍ତୁର ଅସ୍ଥି ଦେଖାଯାଇ ଅଛି । ଏଥିର ଲମ୍ବ ୨୧୭ ଫିଟଓ ସେଠାର ନିବାସୀମାନେ କହିଲେ ଯେ ତିନି ବର୍ଷ ହେଲା ସେ ଜନ୍ତୁକୁ ଜୀବିତାବସ୍ଥାରେ ସମୁଦ୍ର ଉକ୍ତ ସ୍ଥାନରେ ଫୋପାଡି ଦେଲା ଓ ସେଠାର ପକ୍ଷ୍ୟବାର କେତେକ ଦିନ ପର୍ଯ୍ୟନ୍ତ ସେ ବଞ୍ଚିଥିଲା ବର୍ତ୍ତମାନ ତାହାର ପଞ୍ଜରା ହାଡ଼ମାନ ସମ୍ପୂର୍ଣ୍ଣରୂପେ ରହିଅଛି । ସେଥିର ଲମ୍ବା ୧୪ ଫିଟ ଓ ଚଉଡ଼ା ଫିଟ ଏହା ଦେହରେ ମାଛପର କାତି ନାହିଁ ଅତଏବ ଏହାର ନାମ ସମୁଦ୍ର ସର୍ପ ।

---

ମୂଲ୍ୟପ୍ରାପ୍ତି—

| | | | | |
|---|---|---|---|---|
| ଶ୍ରୀଯୁକ୍ତ | ବାବୁ | ମୋହନଲାଲ ତେୱାରୀ | କଟକ | ଟ ୨ |
| ,, | ,, | ଶ୍ରୀବତ୍ସ ମହାପାତ୍ର | ,, | ଟ ୨ |

---

## ବିଜ୍ଞାପନ—

ପତ୍ରିକା ଗ୍ରାହକ ମାନଙ୍କୁ ଜଣାଉଅଛୁଁ ଯେ ଗ୍ରାହକ ହେବା ସମୟଠାରୁ ଅଥବା ଯେ ସମୟ ନିମିତ୍ତ ଅଗ୍ରୀମ ମୂଲ୍ୟ ଦିଆ ଯାଇଥାଏ ସେ ସମସ୍ତ ଶେଷଠାରୁ ତିନିମାସ ମଧ୍ୟରେ ଅଗ୍ରୀମ ମୂଲ୍ୟ ନଦେଲେ ତାହାଙ୍କଠାରୁ ବକେୟା ନିରଖରେ ମୂଲ୍ୟ ନିଆଯିବ ।

ଶ୍ରୀ ଗୌରୀଶଙ୍କର ରାଏ

---

ଏ ପତ୍ରିକା ସମ୍ପର୍କୀୟ ସମସ୍ତ ଚିଟୀପତ୍ର ଟଙ୍କା ଇତ୍ୟାଦି ଶ୍ରୀ ଗୌରୀଶଙ୍କର ରାଏ ମେନେଜରଙ୍କ ନାମରେ ପଠାଇବାକୁ ହେବ ।

---

ଏହି ଉତ୍କଳ ଦୀପିକା ସହର କଟକ ଆଲମଚନ୍ଦ ବଜାର କଟକ ପ୍ରିଣ୍ଟିଂ କମ୍ପାନିର ପଥର ଛାପାରେ ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରକାଶ କରାଗଲା ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ର


| | | |
|---|---|---|
| ୧ ଭାଗ<br>୬ ସଂଖ୍ୟା | ତା୮ଖ ମାହେ ଡିସେମ୍ବର<br>ସନ ୧୮୬୬ ମସିହା । ମୁ ।<br>୧୮ ଦିନ ମାର୍ଗଶିର ସନ<br>୧୨୭୪ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ୪୲<br>ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୲<br>ମଫସଲ ଗ୍ରାହକ ମାନଙ୍କୁ<br>ମୂଲ୍ୟ ଛଡ଼ା ଡାକମାସୁଲ<br>୧ ବର୍ଷକୁ ଟ ୩। |


### ବଙ୍ଗଦେଶସ୍ଥ ଯୁବାଙ୍କ ବିଲାତଗମନ—

ଆମ୍ଭେମାନେ ଜ୍ଞାତ ହୋଇଅଛୁଁ ଯେ ଗତ ମାସ ୧୨ ତାରିଖ ସୋମବାର ଦିନ ଶ୍ରୀଯୁକ୍ତ ବାବୁ ମନମୋହନ ଘୋଷ ବିଲାତରୁ କଲିକତାକୁ ପ୍ରତ୍ୟାଗମନ କରିଅଛନ୍ତି । ଇଦାନିଂ ଯେଉଁ ବଙ୍ଗଦେଶୀୟ ଯୁବାମାନେ ଆପଣା ଆପଣା କର୍ତ୍ତବ୍ୟ ସାଧନ ଆଶାରେ ବିଲାତକୁ ଯାଇ ସଫଳ ହୋଇ ଆସିଅଛନ୍ତି ସେମାନଙ୍କ ମଧ୍ୟରେ ଏ ତୃତୀୟ ବ୍ୟକ୍ତି । ପ୍ରଥମେ ଶ୍ରୀଯୁକ୍ତ ବାବୁ ସତ୍ୟେନ୍ଦ୍ରନାଥ ଠାକୁର ବିଲାତରେ କେତେକ କାଳ ବାସ କରି ସିବିଲ ସର୍ବିସ ଅର୍ଥାତ ସିଭିଲ ହାକିମ ପଦ ପାଇବାର ପରୀକ୍ଷୋତ୍ତୀର୍ଣ୍ଣ ହୋଇ ବମ୍ବେଇ ଦେଶର ଜଣେ ଅସିଷ୍ଟାଣ୍ଟ ସେସନ୍ସର ଜଜ୍ ହୋଇଅଛନ୍ତି । ଏହାଙ୍କ ଉତ୍ତାରୁ ଏହି ଠାକୁର ବଂଶୀୟ ଅନ୍ୟଏକ ମହାଶୟ ବିଲାତରେ ବାରିଷ୍ଟର ଅର୍ଥାତ ଓକିଲ କର୍ମପରୀକ୍ଷାରେ କୃତକାର୍ଯ୍ୟ ହୋଇ ବର୍ତ୍ତମାନ କଲିକତାରେ ଅଛନ୍ତି । ମାତ୍ର ଦୁଃଖ ସେହି ଅଟେ କହନ୍ତି ଯେ ଏ ଦୁଇ ବ୍ୟକ୍ତିଙ୍କ ଏତାଦୃଶ ସମ୍ମାନଲାଭ କରିବାରେ ଦେଶର ବିଶେଷ ଲାଭ ହେଉନାହିଁ । କାରଣ ଏମାନେ ବିଲାତରେ କେତେକ ଦିନ ବାସ କରିବାରୁ ହିନ୍ଦୁମାନଙ୍କ ରୀତିନୀତି ପ୍ରତି ତାହାଙ୍କର କିଛି ଘୃଣା ଜାତ ହୋଇଅଛି ଓ ସେମାନେ ପ୍ରାୟ କିଞ୍ଚିତ ଅଧିକ ସାହେବ ହୋଇଅଛନ୍ତି । ଏଥିରେ ଯେ ହିନ୍ଦୁସ୍ଥାନ ନିବାସୀ ଲୋକମାନେ ତାଙ୍କ ଉପଦେଶ ଗ୍ରହଣ ନକରିବେ ଏଥିରେ ସନ୍ଦେହ କି ?

ବାବୁ ମଦନମୋହନ ଘୋଷ ପ୍ରଥମେ ସିବିଲ ସରବିସ ଉଦ୍ଦେଶ୍ୟରେ ବିଲାତକୁ ଯାଇ ଅଧ୍ୟୟନ କରୁଥିଲେ ମାତ୍ର ପରୀକ୍ଷାକାରୀଙ୍କ ଅବିଚାରରୁ ତାଙ୍କର ଆଶା ପୂର୍ଣ୍ଣ ହୋଇନାହିଁ । ଏ ବିଷୟରେ ମଦନମୋହନ ବାବୁ ଯେ ବର୍ତ୍ତମାନ ସମ୍ବାଦ

Digitized by srujanika@gmail.com

Split by PDF Splitter



ପତ୍ର ଓ ପୁସ୍ତକାକାରରେ ସଭ୍ୟ ସମାଜରେ ପ୍ରକାଶ କରିଅଛନ୍ତି ସେଥିରୁ ସ୍ପଷ୍ଟ ପ୍ରମାଣ ଯେ ତାହାଙ୍କ ପ୍ରତି ଗୁରୁତର ଅନ୍ୟାୟ ହୋଇଅଛି ଯାହାହେତୁ ସିଭିଲ ସରଭିସରେ ନୈରାଶ ହେବାରୁ ମନମୋହନ ବାବୁ ବାରିଷ୍ଟରୀ କର୍ମର ଉପଯୋଗୀ ହେବାକୁ ଯତ୍ନକଲେ ଓ ତାଙ୍କପ୍ରତି ପୂର୍ବ ଅବିଚାର ଓ ତାଙ୍କର ମତଗୁଣ ବିବେଚନାରେ ଉକ୍ତ ବିଷୟରେ ଅଧ୍ୟକ୍ଷମାନେ ତାଙ୍କୁ ଏକବର୍ଷ ସମୟ କାଟିଦେଇ ବାରିଷ୍ଟରର ସାର୍ଟିଫିକେଟ ଦେଲେ । ବର୍ତ୍ତମାନ ମନମୋହନ ବାବୁ ଉକ୍ତ ମର୍ଯ୍ୟାଦା ଲାଭକରି ଆପଣା ଦେଶକୁ ଫେରି ଆସିଅଛନ୍ତି ।

ଆମ୍ଭେମାନେ ଆହୁରି ଶ୍ରବଣ କରିଅଛୁଁ ଯେ ଏହାଙ୍କ ଭିନ୍ନ ବର୍ତ୍ତମାନ ଆହୁରି ଛଅଜଣ ବଙ୍ଗବାସୀ ଯୁବା ବିଲାତରେ ଅଧ୍ୟୟନ କରୁଅଛନ୍ତି ତନ୍ମଧ୍ୟରେ ଏକଜଣ ସଙ୍ଗୋଚ ଡାକ୍ତର ପଦରେ ପରୀକ୍ଷା ଦେଇଥିବାର କଥିତ ହୁଏଇ ଓ ଅନ୍ୟ ଦୁଇଜଣ ମଧ୍ୟ ସାଧ୍ୟାନୁସାର ଆପଣା ଆପଣା ଇଚ୍ଛା ପୂର୍ଣ୍ଣ କରିବା ପକ୍ଷରେ ତ୍ରୁଟି କରୁ-ନାହାନ୍ତି । ଯେତେବେଳେ ଏ ସମସ୍ତେ କୃତକାର୍ଯ୍ୟ ହୋଇ ଆପଣା ମାତୃଭୂମିକୁ ପ୍ରତ୍ୟାବର୍ତ୍ତନ କରିବେ ଓ ଆପଣା ଅର୍ଜିତ ଶାସ୍ତ୍ର ଓ ଜ୍ଞାନର ସହକାରେ ବଙ୍ଗଦେଶକୁ ଉନ୍ନତ କରିବାର ଚେଷ୍ଟା କରିବେ । ତେତେବେଳେ ଯେ ଦେଶର କି ପର୍ଯ୍ୟନ୍ତ ଶ୍ରୀବୃଦ୍ଧି ହେବ ତାହା ଅନାୟାସରେ ହୃଦୟଙ୍ଗମ ହେଉଅଛି ।

ଫଳତଃ ଏମାନେ ଯେ କଠିଣ କ୍ଲେଶ ସହ୍ୟ କରି ଦୁର୍ଗମ ସମୁଦ୍ର ଅତିକ୍ରମ ଦ୍ୱାରା ଅସାଧାରଣ ସାହସ ପ୍ରକାଶ କରିଅଛନ୍ତି ଓ ଅନ୍ତତଃ ଏ ଦୃଢ଼ ବ୍ରତର ପୁରସ୍କାର ସ୍ୱରୂପ ଯଶଃଲାଭ କରି ଫେରି ଆସିଅଛନ୍ତି ଯଦ୍ୟପି ଏତକମାନ ଭାରତ ବର୍ଷୀୟ ଯୁବା ପୁରୁଷମାନେ ଆଲୋଚନା ପୂର୍ବକ ଅବଲମ୍ବନ କରନ୍ତି ତାହାହେଲେ ଆମ୍ଭମାନଙ୍କର ଅନେକ ଲାଭଅଛି ସନ୍ଦେହ ନାହିଁ ।

ଆମ୍ଭେମାନେ ବଙ୍ଗଦେଶୀୟ ଯୁବାଙ୍କର ସାହାସ ଜ୍ଞାନାର୍ଜନ ଆଶାର କଥା ସ୍ମରଣ କଲେ ହଠାତ୍ ଉତ୍କଳଦେଶୀୟ ଯୁବାଙ୍କ ଅବସ୍ଥା ଆମ୍ଭମାନଙ୍କ ଦୃଷ୍ଟିପଥରେ ପତିତ ହେଉଅଛି । ଏ ଦେଶରେ ଇଂରେଜ. ରାଜ୍ୟ ସ୍ଥାପନ ହେବା ସମୟରୁ ସ୍କୁଲମାନ ସ୍ଥାପନ ହୋଇ ଅନେକ ବାଳକ ଶିକ୍ଷାଲାଭ କରୁଅଛନ୍ତି ଓ କେତେକ ବର୍ଷ ହେଲା ବରଷକୁ ବରଷ ନ୍ୟୂନାଧିକ ପରିମାଣରେ ବାଳକମାନେ ଛାତ୍ରବୃତ୍ତି ଅଥବା ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ବିଦ୍ୟାଳୟରେ ପାଠ କରିବା ଓ ବିବିଧ ଜ୍ଞାନଲାଭ କରିବାର ଉପଯୁକ୍ତ ହେଉଅଛନ୍ତି । ମାତ୍ର ଆକ୍ଷେପର ବିଷୟ ଯେ ଜିଲା ସ୍କୁଲ ତ୍ୟାଗ କରିବା ମାତ୍ରକେ ତାହାଙ୍କର ଜ୍ଞାନଲାଭର ଆଶା ତୃପ୍ତି ହେଉଅଛି ମଧ୍ୟ ମଧ୍ୟରେ କେହି କେହି ବଙ୍ଗଦେଶର ଉଚ୍ଚ ବିଦ୍ୟାଳୟକୁ ପାଠ କରିବାକୁ ଯାଇ-

Digitized by srujanika@gmail.com

ଅଛନ୍ତି ସତ୍ୟ ମାତ୍ର ତାହାଙ୍କର ସଂଖ୍ୟା ଅତି ଅଳ୍ପ ଓ ସେମାନଙ୍କ ସୁଦ୍ଧା ଦେଶର ଗୌରବ ରକ୍ଷାର୍ଥ ଉପଯୋଗୀ ହେବାର ଦେଖା ଯାଏନାହିଁ ଅନେକ ବାଳକ ଧନହୀନ ହେବାରୁ ପାଇ ପାରନ୍ତି ନାହିଁ ମାତ୍ର ଆହୁରି ଅନେକ ଲୋକଙ୍କର କର୍ତ୍ତୃପକ୍ଷ ଏ ପ୍ରକାର କୁସଂସ୍କାରର ବଶୀଭୂତ ଯେ ସେମାନଙ୍କର ଥାଇଁ ଥାଇଁ ଅନାୟାସରେ ଆପଣା ସନ୍ତାନମାନଙ୍କୁ ବିଦ୍ୟାଲାଭ ଓ ତଦ୍ୱାରା ସର୍ବସାଧାରଣଙ୍କ ହିତ ସାଧନରୁ ବଞ୍ଚିତ ରଖନ୍ତି ।

ସେମାନେ ବିବେଚନା କରନ୍ତି ଯେ ତାଙ୍କ ସନ୍ତାନାଦି କିଞ୍ଚିତ ମାତ୍ର ଲେଖା ପଢ଼ା ଶିକ୍ଷା କରି ୧୦।୧୫ ଟଙ୍କାର ଏଣ୍ଡ୍ରିସ୍ତେ ସୁକର୍ମ କରିପାରିଲେ ତାହାଙ୍କର ସକଳ ଆଶା ଭରସାର ଅନ୍ତହେଲା ମାତ୍ର ବିଚାର କରି ଦେଖନ୍ତି ନାହିଁ ଯେ ଅନ୍ୟ ଦେଶସ୍ଥ ଲୋକମାନେ ଅଧିକ ବିଦ୍ୟାଲାଭ କରି କି ପ୍ରକାରର ଜନସମାଜର ଆଦରଣୀୟ ଓ ହିତକାରୀ ହେଉଅଛନ୍ତି । କେବଳ ଜୀବିକା ନିର୍ବାହ ଯେବେ ବିଦ୍ୟାର ଏକମାତ୍ର ଉଦ୍ଦେଶ୍ୟ ହୁଅଇ ତେବେ ତନ୍ନିମିତ୍ତେ ବିଶେଷ ବ୍ୟୟ କି ପରିଶ୍ରମର ପ୍ରୟୋଜନ ନାହିଁ । ବାସ୍ତବରେ ଦେଖା ଯାଉଅଛି ଯେ ଅଳ୍ପ ଟଙ୍କାର ଖଣ୍ଡେ କିରାଣୀ ଗିରି କେହି କେହି ଦୁଇବର୍ଷ ସ୍କୁଲରେ ପାଠକରି ପାଉଅଛି ଓ କେହିବା ୧୦ ବର୍ଷରେ ଅଧିକ ବିଦ୍ୱାନ ହୋଇ ମଧ୍ୟ ପାଉଅଛି ମାତ୍ର ସଂସାରରେ ଦୁହିଙ୍କର ମୂଲ୍ୟ ଏକ ହେଲା ତେବେ ସେମାନଙ୍କର ଅଧିକ କାଳକ୍ଷେପଣ କିମ୍ବା ବ୍ୟୟ ଅନର୍ଥକ ବୋଧ ହୁଅଇ ଏବଂ ଏହି ପ୍ରକାର ବିଦ୍ୟାଲାଭ କରି ଯେବେ ଏ ଦେଶସ୍ଥ ଯୁବା ପୁରୁଷମାନେ କେବଳ କିରାଣି ଗିରିରେ ତୃପ୍ତ ହୁଅନ୍ତି ତେବେ ତାହାଙ୍କର ଯତ୍ନ ଓ ପରିଶ୍ରମ ନିଷ୍ଫଳ । ବିଦ୍ୟାର ଉଦ୍ଦେଶ୍ୟ ଜୀବିକା ନିର୍ବାହ ନୁହଇ କାରଣ ଅନ୍ୟ ଅନ୍ୟ ଉପାୟ କି ବ୍ୟବସାୟରେ ବିଦ୍ୟାରୁ ଅଧିକ ଧନ ପ୍ରାପ୍ତି ହେବାର ଦେଖାଯାଏ । ବିଦ୍ୟାରେ ଆପଣାର ଲାଭ ଓ ଜନସମାଜର ଉନ୍ନତି ସାଧନ ଏହାବେଲକେ ହୁଅଇ ଓ ଆମ୍ଭେମାନେ ଏ ଦେଶସ୍ଥ ଯୁବା ପୁରୁଷଙ୍କୁ ଅନୁରୋଧ କରୁଅଛୁଁ ଯେ ସେମାନେ ବାଲ୍ୟକାଳରେ ଯେ ରୂପ ଯତ୍ନ ଓ ଶ୍ରମ ପୂର୍ବକ ବିଦ୍ୟାଲାଭ କରନ୍ତି ତାହା ଯେମନ୍ତ ଏକ କାଳରେ ନିରର୍ଥକ ନକରି ଉତ୍ତର ଉତ୍ତର ତାହା ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ ଓ ଯାହାଠାରୁ ଯେତେଦୂର ହୋଇପାରେ ଆପଣା ଆପଣା ଯଶଃ ଓ ଖ୍ୟାତି ପ୍ରଚୁର କରିବାର ଉପାୟ କରନ୍ତୁ । କଲିକତାସ୍ଥ ଲୋକମାନେ ଯେବେ ଇଙ୍ଗଲଣ୍ଡରେ ବିଲାତ ପର୍ଯ୍ୟନ୍ତ ଯାଇପାରିଲେ ତେବେ ଏ ଦେଶସ୍ଥ ଯୁବା ପୁରୁଷମାନେ କି ସାମାନ୍ୟ ବାଧା ଆକ୍ରମଣ ପୂର୍ବକ କଲିକତା ପର୍ଯ୍ୟନ୍ତ ଯାଇ ନପାରନ୍ତି ଏହା ବଡ଼ ଲଜ୍ୟାର ବିଷୟ । ଯେବେ ସେମାନେ ଆପଣା କର୍ତ୍ତବ୍ୟ ସାଧନରେ ଦୃଢ଼ ବ୍ରତ ହୁଅନ୍ତେ ଓ ତାହାଙ୍କଠାରେ ଦେଶର ଯେତେ ଆଶା ଓ ଭରସା ଅଛି ତାହା ମନଯୋଗ ପୂର୍ବକ ଆଲୋଚନା କରନ୍ତେ ତେବେ କଦାଚ ସଦାନୁଷ୍ଠାନରେ ବିମୁଖ ହୁଅନ୍ତେ ନାହିଁ । ହେ ଉତ୍କଳଦେଶୀୟ ଯୁବାମାନେ ;

Digitized by srujanika@gmail.com

Split by PDF Splitter



ତୁମ୍ଭେମାନେ ବଙ୍ଗଦେଶୀୟ ସୁବାପୁରୁଷଙ୍କୁ ଲକ୍ଷ କରି ସଦାର ମାର୍ଗରେ ବିଚରଣ କର ଓ ଯେ ପ୍ରକାରେ ତୁମ୍ଭମାନଙ୍କର ଯଶଃ ଓ ଦେଶର ଗୌରବ ବୃଦ୍ଧି ହୁଅଇ ତାହା କରିବାରେ ତିଳମାତ୍ର କୁଣ୍ଠିତ ନହୁଅ ।

---

ଇଙ୍ଗରେଜମାନେ କିରୂପେ ରାଜ୍ୟ ବୃଦ୍ଧି କରିଅଛନ୍ତି ? —ଏ ଦେଶର ପୂର୍ବ ଏକଜଣ ଗବର୍ଣ୍ଣର ଜେନରଲ ଲର୍ଡ଼ ଡାଲହାଉସିଙ୍କ ରାଜ୍ୟ ବୃଦ୍ଧିର ପ୍ରବୃତ୍ତିର ଦୃଷ୍ଟାନ୍ତ ସ୍ୱରୂପ ଟାଇମ୍ସ ଅବ ଇଣ୍ଡିଆ ନାମକ ପତ୍ରରୁ ହିନ୍ଦୁ ପେଟ୍ରିଅଟ ତଳ ଲେଖିତ କଥାଟି ଅନୁବାଦିତ କରିଅଛନ୍ତି । ଉକ୍ତ ଲର୍ଡ଼ସାହେବ ଏକ ସମୟରେ ହାଇଦରାବାଦର ନିଜାମଙ୍କ ଅଧିକାରସ୍ଥ କୌଣସି ସମ୍ପତ୍ତି ଇଙ୍ଗରେଜଙ୍କ ରାଜଧାନୀ ଭୁକ୍ତ କରିବାକୁ ମାନସ କଲେ । ମାତ୍ର ପ୍ରକାଶ୍ୟରେ ବଲପୂର୍ବକ ତାହା ନେବାର ଅନ୍ୟାୟ ଜାଣିବାରୁ ତାହାଙ୍କ ସମ୍ମତି ପାଇବା ନିମିତ୍ତେ ଅନୁରୋଧ କଲେ । ନିଜାମ କି କରନ୍ତି ଇଙ୍ଗରେଜମାନଙ୍କ ସଙ୍ଗେ ବିରୋଧ କରିବାକୁ ଅକ୍ଷମ ଥିବାରୁ ସୁତରାଂ ଲର୍ଡ଼ ସାହେବଙ୍କ ଅନୁରୋଧରେ ବାଧ୍ୟ ହୋଇ ଅନିଚ୍ଛା ପୂର୍ବକ ସ୍ୱୀକାର କଲେ ମାତ୍ର ଯେତେବେଳେ ଉକ୍ତ ନିଜାମଙ୍କ ଦରବାରରେ ଥିବା ସରକାର ତରଫ ରେସିଡେଣ୍ଟ କର୍ଣ୍ଣେଲ ଲୋ ସାହେବ ଇଙ୍ଗରେଜଙ୍କ ଆଜ୍ଞା ପତ୍ର ସ୍ପଷ୍ଟ ପ୍ରତ୍ୟୁତ୍ତର ଦେବାପାଇଁ ନିଜାମଙ୍କଠାରେ ପୁନଃପୁନଃ ଜିଦ କଲେ ତେତେବେଳେ ନିଜାମ କହିଲେ ଯେ "ଆମ୍ଭର ପ୍ରତ୍ୟୁତ୍ତର ଦେବାର ଫଳ କି ? ଯଦ୍ୟପି ତୁମ୍ଭେ ନିଶ୍ଚୟ ମାନସ କରିଅଛ ଯେ ଆମ୍ଭଠାରୁ କେତେକ ଜିଲ୍ଲା ନେବ । ତେବେ ନୂତନ ସୁଲେହନାମା ପ୍ରତ୍ୟୁତ୍ତର ବିନା ତୁମ୍ଭେ ନେଇପାର ।" ତୁମ୍ଭେ ଆମ୍ଭଙ୍କୁ କହିଲ ଯେ ତୁମ୍ଭେ ନୂଆ ସୁଲେହନାମା କରିବ କିନ୍ତୁ ଏପ୍ରକାର ସୁଲେହନାମା ହେବ ବୋଲି ଆମ୍ଭଙ୍କୁ କେବେହେଁ କହିନାହିଁ ଯେ ଆମ୍ଭ ରାଜତ୍ୱର ଏକ ବୃହତ୍ ଅଂଶ ତୁମ୍ଭେ ଚିରକାଳ ନିମିତ୍ତେ ନେବାକୁ ମାନସ କରିଅଛ । ଆମ୍ଭେ କି ବ୍ରିଟିଶ ରାଜଧାନୀ ସଙ୍ଗେ ଯୁଦ୍ଧ କି ତାହା ବିଷୟରେ କିଛି କୁମନ୍ତ୍ରଣା କରିଅଛୁ ନା ତାହାଙ୍କ ଅଭିପ୍ରାୟ ସିଦ୍ଧି ନିମନ୍ତେ ସାହାଯ୍ୟ ବିନା ଅନ୍ୟ କୌଣସି କର୍ମ କରିଅଛୁ ଯେ ଆମ୍ଭଙ୍କୁ ଏପ୍ରକାର ଅପମାନ କରିବ ? ଏ କଥାରେ ଆମ୍ଭର ମନ କି ରୂପ ହେଉଅଛି ତାହା ତୁମ୍ଭେ କଦାଚ ବୁଝି ପାରୁନାହିଁ ।

ଆମ୍ଭେ ରାଜବଂଶୋଦ୍ଭବ ଏହି ରାଜଧାନୀରେ ବଂଶପରମ୍ପରା ମରିବାକୁ ଜନ୍ମ ହୋଇଅଛୁ ଓ ରାଜଧାନୀକୁ ଆମ୍ଭବଂଶ ସାତ ପୁରୁଷ ହେଲା ଅଧିକାର କରି ଆସୁ ଅଛନ୍ତି । ତୁମ୍ଭେ ମନରେ ଜାଣିଅଛ ଯେ ଆମ୍ଭେ ଆପଣା ରାଜ୍ୟର ଏକ ଅଂଶ ତ୍ୟାଗ କରି ମଧ୍ୟ ସୁଖରେ ରହିବୁଁ । ତାହାନିମନ୍ତେ ଆମ୍ଭର ଯେ ଅପମାନ ହୋଇଅଛି ତାହା ଆମ୍ଭେ ଅବଶ୍ୟ ବୋଧ କରିବୁଁ । ଆମ୍ଭର ପୂର୍ବ ଲର୍ଡ଼ ସାହେବମାନେ ଏହି

Digitized by srujanika@gmail.com

Split by PDF Splitter



ରୂପେ ହିନ୍ଦୁସ୍ଥାନର ଅଧିକାଂଶ ଅଧିକାର କରିବାର ବୋଧ ହୁଅଇ ମାତ୍ର ଏଥିରେ ଯେ କେତେ ଅନର୍ଥ ଜାତ ହେବାର ସମ୍ଭାବନା ତାହା ସେମାନେ ବିବେଚନା କରୁ ନ ଥିଲେ । ଯେତେବେଳେ ଇଂରେଜ ଶାସନକର୍ତ୍ତାମାନେ ବିଶୁଦ୍ଧ ଖ୍ରୀଷ୍ଟଧର୍ମ ଓ ଜ୍ଞାନର ଆଡ଼ମ୍ବର କରି ଅନାୟାସରେ ସ୍ୱେଚ୍ଛାନୁସାର ରାଜ୍ୟବୃଦ୍ଧି କରିବାକୁ ପ୍ରବୃତ୍ତ ହେଲେ ତେତେବେଳେ ଦେଶୀୟ ଲୋକଙ୍କ ମନ୍ଦାଚରଣ ନିମିତ୍ତ ନିନ୍ଦାକରିବା ଅତ୍ୟନ୍ତ ଅନ୍ୟାୟ ସନ୍ଦେହ ନାହିଁ, ଆମ୍ଭର ଶାସନ କର୍ତ୍ତାମାନେ ଏହି ପ୍ରକାର ଅନେକ ରାଜକୁମାରଙ୍କ ଅନର୍ଥକ ମନଃ ପୀଡ଼ା ଜାତ କରି ଥିବାରୁ ସନ ୧୮୫୭ ମସିହାର ବିଦ୍ରୋହାଗ୍ନି ଏତେ ଭୟଙ୍କର ରୂପେ ପ୍ରଜ୍ୱଳିତ ହେଲା ଓ ଇଂରେଜମାନେ ଅନ୍ୟାୟ ରାଜ୍ୟଲାଭ ପୂର୍ବକ ଯେତେ ଆୟ କରିଥିଲେ ତାହାର ଦ୍ୱିଗୁଣ ବ୍ୟୟ ବଢ଼ିଲା ତଥାଚ ଦେଶର କୁଶଳାବସ୍ଥା କଦାଚ ପୁନଃ ପ୍ରାପ୍ତ ହୁଅନ୍ତା ନାହିଁ ଯଦ୍ୟପିକ ଲର୍ଡ କାନିଙ୍ଗ ସାହେବ ଏଠାରେ ଗଭର୍ଣ୍ଣର ଜେନେରଲ ନଥାନ୍ତେ ! ତାହାଙ୍କର ସରଳ-ସ୍ୱଭାବ ଓ ବିଚକ୍ଷଣ ବୁଦ୍ଧିରୁ ଆମ୍ଭେମାନେ ସେ ସମସ୍ତ ଦୁଃସମୟକୁ ଅତିକ୍ରମ କରିଅଛୁଁ ଓ ଯେତେ କାଳ ପର୍ଯ୍ୟନ୍ତ ତାଙ୍କ ପଶ୍ଚାତ୍ ଗବର୍ଣ୍ଣର ଜେନେରଲମାନେ ଉକ୍ତ ମହୋଦୟ ପ୍ରଦର୍ଶିତ ପଥରେ ଗମନ କରିବେ ତେତେକାଳ ଭାରତବର୍ଷ ନିରାପଦ ରୂପେ ବ୍ରିଟନର ଅଧୀନରେ ରହିବ । ବାହୁବଳରେ ଶାସନ କରିବା ସହଜ କର୍ମନୁହଇ ଯଦ୍ୟପିକ ଇଂରେଜଙ୍କ ସଙ୍ଗେ ବର୍ତ୍ତମାନ ଏ ଦେଶସ୍ଥ କେହି ରାଜା ସ୍ୱାଧୀନ କି ଅଧୀନ ସମର୍ଥ ନାହିଁ ତଥାପି ଯଦ୍ୟପି ଇଂରେଜମାନେ ସରଳତା ଓ ନ୍ୟାୟତ୍ୟାଗ ପୂର୍ବକ ଲର୍ଡ ଡାଲହାଉସିଙ୍କ ପରି ଆଚରଣ କରି ସମସ୍ତଙ୍କ ମନରେ ଦୁଃଖ ଜାତ କରନ୍ତି ଓ ସମସ୍ତଙ୍କ ମନ ନିଯାମଙ୍କ ପରାହୁଅଇ ତେବେ କେଉଁ ବୁଦ୍ଧିମାନ ହେଥିରୁ ମଙ୍ଗଳ ଫଳ ଆଶା କରିବ ? ପ୍ରଜାର ସୁଖ ବୃଦ୍ଧି ଉତ୍ତମ ରାଜ୍ୟ ଶାସନର ପ୍ରତ୍ୟକ୍ଷ ପରିଚୟ । ଯେଠାରେ ଅପକର୍ମ ଦ୍ୱାରା ରାଜକର୍ମଚାରୀ ମାନେ ସେଥିର ଅନ୍ୟଥା କରନ୍ତି ସେଠାରେ ମଙ୍ଗଳ କାହିଁ ? ଆମ୍ଭେମାନେ ନିଶ୍ଚୟ ଭରସା କରୁଁ ଯେ ଲର୍ଡ ଡାଲହାଉସିଙ୍କ ପରି ଗବର୍ଣ୍ଣର ଜେନେରଲ ଏଠାକୁ ନ ଆସନ୍ତୁ ଓ ବର୍ତ୍ତମାନ ଭବିଷ୍ୟତର ଧର୍ମଗୁରୁମାନେ ଏରୂପ ସଦ୍ବ୍ୟବହାର ପ୍ରଦର୍ଶନ କରନ୍ତୁ ଯେ ବ୍ରିଟିସ ରାଜ୍ୟର ଯଥାର୍ଥ ମହିମା ରକ୍ଷା ହେଉ ଓ ଲୋକମାନେ ସୁଖରେ ଦିନଯାପନ ପୂର୍ବକ ଗତ ଦୁଃଖକୁ ମନରେ ନ ଘେନନ୍ତୁ ।

---

## ସାପ୍ତାହିକ ସଂବାଦ—

କଟକ ଡିବିଜନର ସବ୍‌ଡିବିଜନମାନ ପରିବର୍ତ୍ତନ କରିବାର ପ୍ରସ୍ତାବ ଗବର୍ଣ୍ଣମେଣ୍ଟରେ ହୋଇଅଛି ଓ ତାହା ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଲେପ୍‌ଟଂନେଣ୍ଟ

Digitized by srujanika@gmail.com

Split by PDF Splitter



ଗବର୍ଣ୍ଣର ଆଜ୍ଞା କରିଅଛନ୍ତି ଯେ କଟକ ପୁରୀ ଓ ବାଲେଶ୍ୱର ଜିଲ୍ଲାମାନଙ୍କରେ ସଦର ସବଡ଼ିଭିଜନ ନାମରେ ଏକ ଏକ ନୂତନ ସବ୍‌ଡ଼ିଭିଜନ ହେବ ଓ ସଦର ମୁକାମ ଭୁକ୍ତ ସବ୍‌ଡ଼ିଭିଜନର ପ୍ରଧାନ ସ୍ଥାନ ହେବ ଓ ପ୍ରତ୍ୟେକ ଜିଲାର ଯଏଣ୍ଟ ମାଜିଷ୍ଟ୍ରେଟ ଅଥବା ମେଯିଷ୍ଟରଙ୍କ ସମ୍ପୂର୍ଣ୍ଣ କ୍ଷମତାପ୍ରାପ୍ତ ସର୍ବାପେକ୍ଷା ପ୍ରଧାନ କର୍ମଚାରୀଙ୍କଠାରେ ନୂତନ ସବ୍‌ଡ଼ିଭିଜନର ଭାର ରହିବ । ଏ ସବ୍‌ଡ଼ିଭିଜନମାନଙ୍କ ସୀମା ତଳେ ଲେଖାଗଲା ।

ଯଥା —

| ସବ୍‌ଡ଼ିଭିଜନର ନାମ— | ଯେଉଁ ଥାନାମାନ ସେ ସବ୍‌ଡ଼ିଭିଜନ ଭୁକ୍ତ ହେବ— |
|---|---|
| କଟକ ସଦର ସବ୍‌ଡ଼ିଭିଜନ … | ଧର୍ମଶାଳା ଓ ସାଲେପୁର |
| ପୁରୀ ସଦର ସବ୍‌ଡ଼ିଭିଜନ … | ପୁରୀ ଓ ନଦା |
| ବାଲେଶ୍ୱର ସଦର ସବ୍‌ଡ଼ିଭିଜନ… | ଏଡ଼ିଭିଜନ ବାଲେଶ୍ୱର<br>ସି-ଡ଼ିଭିଜନ ସୋରୋ ଓ ବାସୁଦେବପୁର |

ଭାରତବର୍ଷର ସର୍ବଏ ସ୍ଥାନରେ ମନିଅର୍ଡର ଦ୍ୱାରା ଟଙ୍କା ପଠାଇବାର ନିୟମ ପ୍ରଚଳିତ ହେବାର ଏଥି ପୂର୍ବେ ଗବର୍ଣ୍ଣର ଜେନରଲ ଆଜ୍ଞା କରିଥିଲେ । ଗତ ଅକ୍ଟୋବର ମାସ ତା ୪ରିଖରେ ସେଥିର ସମୁଦାୟ ବନ୍ଦୋବସ୍ତ ଗବର୍ଣ୍ଣର ଜେନରଲ କରି ଦେଇ ଅଛନ୍ତି । ଅତଏବ ଭରଷା ହୁଅଇ ଯେ ଅଳ୍ପକାଳ ମଧ୍ୟରେ ହିନ୍ଦୁସ୍ଥାନର ସକଳସ୍ଥାନରେ ମନିଅର୍ଡ଼ରର ପ୍ରଥା ଚଳନ ହେବ ।

କଟକରେ ବର୍ତ୍ତମାନ ସମ୍ବଲପୁରୀ ଚାଉଳ ଟଙ୍କାକୁ ସେ୧୪ର ଓ ଦେଶୀ ଚାଉଳ ସେ୧୩ର ଭାବରେ ବିକି ହେଉଅଛି । ପୁରୀ ଓ ବାଲେଶ୍ୱରରେ ଟଙ୍କାକୁ ଅଧିକ ଚାଉଳ ମିଳୁଥିବାର ଶ୍ରବଣ ହୁଅଇ । ଗତ ସପ୍ତାହ ପୁରୀରେ ସେ୨୧ର ହୋଇଥିଲା ।

ସରକାରୀ ଚାଉଳ କଟକକୁ ଆସିବାର ଅବଧି ସ୍ଥଗିତ ହୋଇନାହିଁ । ଏହି ନବେମ୍ବର ଓ ଡିସେମ୍ବର ମାସରେ ପ୍ରାୟ ମ ୫୦୦୦୦ ହଣ ଚାଉଳ ଏଠାକୁ ପଠାଇବା ନିମନ୍ତେ ବୋର୍ଡ ବନ୍ଦୋବସ୍ତ କରି ଦେଇଅଛନ୍ତି । କୁପଙ୍ଗ ଓଗେର ଚଳନ୍ତି ସ୍ଥାନରେ ଅଦ୍ୟାପି ଦୁର୍ଭିକ୍ଷ ଶାନ୍ତ ହୋଇ ନଥିବାରୁ ସରକାରୀ ଚାଉଳ ଅଣାଇବାର ଆବଶ୍ୟକ ହେଲା ।

Digitized by srujanika@gmail.com

Split by PDF Splitter



ଅବଗତ ହେଲୁଁ ଯେ ପୁରୀ ରାଜା ଆପଣାର ପୁରାତନ ସମ୍ପତ୍ତି ଖୋରଧା ଜିଲା ସରକାରରୁ ଜମିଦାରୀ ସ୍ୱରୂପ କବୁଲିୟତ କରିବାକୁ ପ୍ରାର୍ଥନା କରିଅଛନ୍ତି । ଆମ୍ଭ-ମାନଙ୍କ ବିବେଚନାରେ ସରକାର ତାଙ୍କ ଆଶା ପୂର୍ଣ୍ଣ କଲେ ସୁଚାରୁ ହେବ । ଯଦ୍ୟପି କି ଦୁଷ୍କର୍ମ ହେତୁରୁ ଏ ରାଜବଂଶ ଉକ୍ତ ସମ୍ପତ୍ତିରୁ ନିରାଶ ହୋଇ ଅଛନ୍ତି ତଥାଚ ସେ ବଂଶପ୍ରତି ଏଥର ଜମିଦାରୀ ସତ୍ୱ ଅର୍ପଣ କଲେ ଶ୍ରୀ ଶ୍ରୀ ମହାରାଣୀଙ୍କର ଯଶଃ ଘୋଷଣା ହେବ ଓ ସେମାନେ ଚିରକାଳ କୃତଜ୍ଞ ହେବେ ।

ଆମ୍ଭେମାନେ ଅତିଆଶ୍ଚର୍ଯ୍ୟ ସହିତ ଅବଗତ ହେଲୁଁ ଯେ କଟକ ଜିଲା ଅନ୍ତଃପାତି କରଦ ରାଜ୍ୟ ହିନ୍ଦୋଲ ଜିଲା ମଧ୍ୟରେ ବମ୍ପାଗଡ଼ ନାମକ ଗ୍ରାମରେ ଏକ କୈବର୍ତ୍ତର ଦୁଇ ଗୋଟି ଦୁହିତା ଅଛନ୍ତି । ତାହାଙ୍କର ଗୁହ୍ୟ ଦ୍ୱାର ନାହିଁ ଯାହା ଭକ୍ଷଣ କରନ୍ତି ତାହା ଜୀର୍ଣ୍ଣ ହେଲେ ଉଦରରୁ ଉଦ୍‌ଗାର କରନ୍ତି ।

ଫ୍ରେଣ୍ଡ ଅବ ଇଣ୍ଡିଆ ଲେଖନ୍ତି ଯେ ଗତମଇ ମାସ ତା ୧ରିଖ ଠାରୁ ନବମ୍ବର ମାସ ତା ୯ରିଖ ପର୍ଯ୍ୟନ୍ତ କଲିକତା ମିଉନିସିପାଲିଟି ମଧ୍ୟରେ ହୁଗୁଲୀ ନଦୀରେ ୧୭୨୫ ଲୋକ ନିମଗ୍ନ ହୋଇ ଅଛନ୍ତି ।

ହକ୍ରାପନ ଆହୁରି ଲେଖନ୍ତି ଯେ ଗତ କାଳୀପୂଜା ଉତ୍ସବ ରାତିରେ କଲିକତାରେ ତ୍ରୟୋଦଶ ବର୍ଷୀୟା ଗୋଟିଏ ବାଳିକା ଅଗ୍ନି କ୍ରୀଡ଼ା କରୁ କରୁ ଅଗ୍ନି ଦ୍ୱାରା ଦଗ୍ଧ ହୋଇ ପ୍ରାଣ ତ୍ୟାଗ କରିଅଛି ।

ଏଡୁକେଶନ ଗେଜେଟରୁ ଅବଗତ ହେଲୁଁ ଯେ କୁଚବେହାରର ଯୁବରାଜ ଓ ତାହାଙ୍କ ଭ୍ରାତା ବିଦ୍ୟାଶିକ୍ଷା ବଡ଼ା ନିମନ୍ତେ ବାରାଣସୀ ଓ୍ୱାର୍ଡ୍‌ସ ଇନ୍‌ଷ୍ଟିଟିଉସନକୁ ପ୍ରେରିତ ହେବେ ।

ଆଗ୍ରା ଦରବାର ଅତି ସମାରୋହରେ ହେଲା ସେଠାରେ ୧୧୦ ଜଣ ସ୍ୱାଧୀନ କରଦ ରାଜା ଉପସ୍ଥିତ ହୋଇଥିଲେ । ୫୦୦୦ ଟଙ୍କା ଖର୍ଚ୍ଚ ହୋଇ ତାଜମହଲ ଏକରାତ ରୋଶ୍‌ନି ହୋଇଥିଲା ସେଥି ନିକଟସ୍ଥ ବୃକ୍ଷମାନଙ୍କର ଡାଳମାନଙ୍କରେ ନାନା ବର୍ଣ୍ଣର ଗିଲାସମାନ ଜଳୁଥିଲା ଓ ଫାଟକଠାରୁ ତାଜ ପର୍ଯ୍ୟନ୍ତ ବିଦ୍ୟୁତ ଦ୍ୱାରା ଆଲୋକ ହୋଇଥିଲା ତାଜମହଲ କେତେ ଉପର ଆଶ୍ଚର୍ଯ୍ୟ ମନୋହର ସ୍ଥାନ ତାହା ଯେଉଁମାନେ ଦେଖିଅଛନ୍ତି ସେହିମାନେ ଜାଣନ୍ତି । ସେଥିରେ ଏ ରୋଶ୍‌ନି ହେବାରୁ କି ଅନିର୍ବଚନୀୟ ଶୋଭା ହୋଇ ନଥିବ ତାହା ବର୍ଣ୍ଣନାତୀତ । ଦରବାର ଉପଲକ୍ଷରେ ପ୍ରାୟ ଦୁଇଲକ୍ଷ ଲୋକ ଆଗ୍ରାକୁ ଆସିଥିଲେ । ଏଥିରେ ସରକାରର ପ୍ରାୟ ଦଶଲକ୍ଷ ଟଙ୍କା ବ୍ୟୟ ହୋଇଅଛି ।

Digitized by srujanika@gmail.com

Split by PDF Splitter



ହିନ୍ଦୁ ପେଟ୍ରିଅଟ ପତ୍ରରୁ ଅବଗତ ହେଲୁଁ ଯେ ପୁନା ଦରବାର ସମୟରେ ଏକ ଶୋଚନୀୟ ଘଟଣା ହୋଇଅଛି । କେତେଜଣ ସ୍ତ୍ରୀ ଚକରେ ବାରଦ ପେଶୁଥିଲେ । ଏଥିରେ ଅକସ୍ମାତ ବାରଦରେ ନିଆଁ ଲଗିବାରେ ୬ ଜଣ ସ୍ତ୍ରୀ ସେହି ସ୍ଥାନରେ ପ୍ରାଣତ୍ୟାଗ କଲେ ଆଉ ୫ ଜଣଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ପଠାଗଲା । ମାତ୍ର ସେଥିମଧ୍ୟରୁ ୨ ଜଣ ମଲେ ଓ ଯେ ଗୃହରେ ବାରଦ ପେଷା ହେଉଥିଲା ସେ ଗୃହ ଭସ୍ମୀଭୂତ ହେଲା ।

ସୋମ ପ୍ରକାଶ ସମ୍ପାଦକ ଲେଖନ୍ତି ଯେ ଗତବର୍ଷ ଅକ୍ଟୋବର ମାସ ୨୧ ତାରିଖଠାରୁ ଏବର୍ଷ ଅକ୍ଟୋବର ୨୮ ତାରିଖ ପର୍ଯ୍ୟନ୍ତ ଭାରତ ବର୍ଷରେ ରେଲଓଏର ଆରୋହୀ ଦ୍ୱାରା ୧,୨୬,୪୩୦ ଟଙ୍କା ଓ ଦ୍ରବ୍ୟଦ୍ୱାରା ୨,୫୮,୭୯୦ ଟଙ୍କା ମୋଟରେ ୩,୮୪,୯୨୦ ଟଙ୍କା ଆଦାୟ ହୋଇଅଛି । ଏପର୍ଯ୍ୟନ୍ତ ଏ ରେଲଓଏ ୧୧୨୯୧ ମାଇଲ ହୋଇଅଛି ।

କଟକ ଓ ପୁରୀ ଜିଲାରେ ବସନ୍ତ ରୋଗର ବିଶେଷ ପ୍ରାଦୁର୍ଭାବ ହୋଇଅଛି । କଟକ ସହରରେ ମାଜିଷ୍ଟ୍ରେଟ ସାହେବ ଆଜ୍ଞା କରିଅଛନ୍ତି ଯେ ବସନ୍ତ ରୋଗାକ୍ରାନ୍ତ କୌଣସି ଲୋକଙ୍କୁ ବଜାରରେ ଦେଖାଗଲେ ତାକୁ ଗୃହୀଲଗାଣ୍ଡ ହାସପାତାଲକୁ ଚିକିତ୍ସା କାରଣ ପଠାଯିବ ଓ ଡାକ୍ତର ସାହେବ ମଧ୍ୟ ଇଂରେଜୀମତେ ଟୀକା ଦେବା କାରଣ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛନ୍ତି । ଏ ଦେଶରେ ଇଂରେଜୀ ଟୀକା ସର୍ବସାଧାରଣଙ୍କ ଆଦରଣୀୟ ହୋଇନାହିଁ । ମାତ୍ର ଆମ୍ଭେମାନେ ଭରସା କରୁଁ ଦେଶର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଏ ପ୍ରକାର ଟୀକା ଦେବାକୁ ଆରମ୍ଭ କଲେ ସେଥିର ଉତ୍କୃଷ୍ଟ ଫଳ ଅନାୟାସରେ ଦେଖିବାକୁ ପାଇବେ ।

ହିନ୍ଦୁ ପେଟ୍ରିଅଟ ଉଦ୍ଧୃତ କୌଣସି ଗୋରା ସମ୍ବାଦ ପତ୍ରରୁ ଅବଗତ ହେଲୁଁ ଯେ ବିଲାତର ଗ୍ରେଟଲୋକମାନେ ଏକା କୋଠରୀରେ ଛଅଗୋଟି ପରିବାର ବାସ କରନ୍ତି । ଏ ଦେଶରେ ଏପରି ରୂଲ ଥିବା ଦେଖାଯାଏ ନାହିଁ ।

ହାଇକୋର୍ଟର ଜଜମାନେ ଏହା ସ୍ଥିର କରିଅଛନ୍ତି ଯେ ଅଧସ୍ତ ଅଦାଲତ କୌଣସି ମକଦ୍ଦମାର ଖର୍ଚ୍ଚା ବିଷୟରେ ଯେଉଁ ଆଜ୍ଞା ଦେବେ ତହିଁର ଖାସ ଅବା କମ୍ଭର ଅପୀଲ ହୋଇପାରିବ ।

ବୋମ୍ବାଇ ଇଲାକାର ଶିକ୍ଷା ସମ୍ବନ୍ଧୀୟ ଡାଇରେକ୍ଟର ଲେଖି ଅଛନ୍ତି ଯେ ବିଲାତର ରାଜପଥରେ ଭାରତ ବର୍ଷ ସମ୍ପର୍କୀୟ କୌଣସି କଥା ପଢ଼ିଲେ ଏ ଦେଶରେ ଚଳୁଥିବା ଶିକ୍ଷା ଇତ୍ୟାଦି କର୍ମ ଗୁରୁତା ବିଷୟ ମଧ୍ୟ ଉଲ୍ଲେଖ ହୋଇଥାଏ ମାତ୍ର ଶିକ୍ଷା

Digitized by srujanika@gmail.com

Split by PDF Splitter



ସମ୍ପର୍କୀୟ କର୍ମଗୃହୀ ପଦରେ ଉପଯୁକ୍ତ ଲୋକ ନିଯୁକ୍ତ କରିବାର ଆଜ ପର୍ଯ୍ୟନ୍ତ କୌଣସି ଉପାୟ ହୋଇନାହିଁ ବଲ୍ଲତର ରାଜସଭାରେ ମଧ୍ୟ କ ଅକର୍ମଣ୍ୟ ଗର୍ଦ୍ଦ-ମାନେ ଅଛନ୍ତି ?

ଇଙ୍ଗ୍ଲିସମ୍ୟାନ କହନ୍ତି ଗାଜିପୁର ଓ ସାହାବାଦର ଅନେକ ଡକାଇତ ରେଲୱେର କର୍ମଗୃହୀ ହୋଇ ସର୍ବଦା ଆପଣା ଆପଣା ଦଳକୁ ସମ୍ବାଦ ଦେଇ ଲୁଟ କରନ୍ତି ।

ଉକ୍ତ ପତ୍ର ଶ୍ରବଣ କରିଅଛନ୍ତି ଆଗାମୀ ବର୍ଷ ଜାନୁଏରି ମାସ ୧ ତାରିଖଠାରୁ କୁଚବେହାରରେ ଦଣ୍ଡବିଧି ଓ ଫୌଜଦାରୀ ଓ ଦେଓ୍ୟାନୀ ଆଇନ ପ୍ରଚଳିତ ହେବ ଓ ଛମାସ ପୂର୍ବରୁ ସମ୍ବାଦ ଦେଇ ତମାଦି ଆଇନ ମଧ୍ୟ ପ୍ରଚଳିତ ହେବ । କୁଚ-ବିହାରର ବିଚାର ପ୍ରଣାଳୀ ଅନେକ ସଂଶୋଧନ ହୋଇଅଛି । ଜଣେ ବଙ୍ଗଦେଶୀୟ ସେଠାର ଉଚ୍ଚତମ ବିଚାରାଳୟର ପ୍ରଧାନ ବିଚାରପତି । ତାହାଙ୍କର ଓ କମିସ୍ନର କର୍ଣ୍ଣେଲ ହଲଟନ ସାହେବଙ୍କ ଯତ୍ନରେ ଏହି ଉତ୍କର୍ଷ ସାଧିତ ହୋଇଅଛି । ଏତଦ୍-ଦେଶୀୟ ରାଜାମାନେ ଏହି ସମସ୍ତ ଆଇନ ଆପଣା ଆପଣା ରାଜ୍ୟ ମଧ୍ୟରେ ପ୍ରଚଳିତ କଲେ ଅନେକ ଫଳ ଦର୍ଶନ୍ତା ।

ଗବର୍ଣ୍ଣର ଜେନରଲ ଆଜ୍ଞା ଦେଇ ଅଛନ୍ତି ଯେ ବର୍ତ୍ତମାନ ସର୍ବତ୍ର ଗବର୍ଣ୍ଣ-ମେଣ୍ଟରେ ନୋଟ ଓ ମନିଅର୍ଡ଼ର ପ୍ରଣାଳୀ ହୋଇଅଛି ଅତଏବ ଗବର୍ଣ୍ଣମେଣ୍ଟ କର୍ମଗୃହୀମାନଙ୍କର ବେତନର କିୟଦଂଶ ବିନା ରେସୁମରେ ହୁଣ୍ଡି କରିବାର ଯେ ସତ୍ୱ ଥିଲା ତାହା ଆଉ ରହିବନାହିଁ ।

ହୋମ ପ୍ରକାଶ ଲେଖନ୍ତି ଯେ ମେକ୍ସିକୋର ସମ୍ରାଟ ମାକ୍ସମିଲିୟନ ନୂତନ ରାଜ୍ୟ ମଧ୍ୟରେ ଶାନ୍ତିରକ୍ଷା କରି ନପାରି ସିଂହାସନ ତ୍ୟାଗ କରିଅଛନ୍ତି । ତାହାଙ୍କ ସ୍ତ୍ରୀ ସମ୍ରାଟ ନେପୋଲିୟନଙ୍କ ନିକଟକୁ ସାହାଯ୍ୟ ପ୍ରାର୍ଥନା କରିବାକୁ ଆସିଥିଲେ କିନ୍ତୁ ଆମେରିକା ଭୟରେ ସମ୍ରାଟ ସାହାଯ୍ୟ ଦେଇ ପାରିଲେ ନାହିଁ ।

## ପ୍ରେରିତ ପତ୍ର—

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ······ସମୀପେଷୁ

Digitized by srujanika@gmail.com

Split by PDF Splitter



## ପ୍ରହେଳିକା—

କବି ଅଗ୍ରଗଣ୍ୟ ଅଟଇ ମୁହିଁ, ବିଦ୍ୟାରେ ସମ୍ପର୍କ ମୋହର ନାହିଁ ।
କଠିନ କର୍କଶ ମୋହର ପ୍ରିୟ, କୋମଳରେ ମଧ୍ୟ ଅଛଇ ସ୍ନେହ ।
ବୈକୁଣ୍ଠ ମଧ୍ୟରେ ବିରାଜ ହୋଇ, ନରକର ଶେଷେ ବସଇ ମୁହିଁ ।
ମୁଁ ନଥିଲେ ବାକ୍ୟ ପୂର୍ଣ୍ଣ ନହେବ, ବ୍ୟଞ୍ଜନର ଅଗ୍ରେ ମୋତେ ଦେଖିବ ।
କଖାଏଟି କେହ୍ନ, ସନ୍ତୁଜେ ହରଷ ଅଟଇ ମୁହିଁ ।

---

ବହ୍ନୁ ପିତା ମୋର ଅଟନ୍ତି ଯେଣୁ, ଶ୍ରୀବ କୃଷ୍ଣତନୁ ହୋଇଲା ତେଣୁ ।
ନାମ ଅଟେ ମୋର ଦୁଇ ଅକ୍ଷର, ମଧ୍ୟମ ଲୋପରେ ମୋର ସଞ୍ଚାର ।
ଜୀବ ହିଂସା ମୋର ଅଟଇ ଧର୍ମ, ପ୍ରାଣୀ ରକ୍ଷା ମଧ୍ୟ ଅଟଇ କର୍ମ ।
କିନାମ ମୋହର, କହିବେ ଜ୍ଞାନ ଅଛଇ ଯାହାର ।

ଗତ ୧୮୭୭ ମସିହା ନବମ୍ବର ମାସ ୧୭ ତାରିଖ ପତ୍ରିକାରେ ଦ୍ୱିତୀୟ ପ୍ରହେଳିକାର ଉତ୍ତର "ନଦୀ" ।

ଚସମ୍ପଦ
ବାଲେଶ୍ୱର

---

## ବିଜ୍ଞାପନ—

ପତ୍ରିକା ଗ୍ରାହକ ମାନଙ୍କୁ ଜଣାଉଅଛୁଁ ଯେ ଗ୍ରାହକ ହେବା ସମୟଠାରୁ ଅଥବା ଯେ ସମୟ ନିମିତ୍ତ ଅଗ୍ରୀମ ମୂଲ୍ୟ ଦିଆ ଯାଇଥାଏ ସେ ସମୟ ଶେଷଠାରୁ ଛଅମାସ ମଧ୍ୟରେ ଅଗ୍ରୀମ ମୂଲ୍ୟ ନଦେଲେ ତାହାଙ୍କଠାରୁ ବକେୟା ହାରରେ ମୂଲ୍ୟ ନିଆଯିବ ।

ଶ୍ରୀ ଗୌରୀଶଙ୍କର ରାଏ

---

ଏହି ଉତ୍କଳ ଦୀପିକା ସହର କଟକ ଆଲମଚନ୍ଦ ବଜାର କଟକ ପ୍ରିଣ୍ଟିଂ କମ୍ପାନିର ପଥର ଛାପାରେ ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରଚ୍ଛର କରାଗଲା ।

Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା

| | | |
|---|---|---|
| ୧ ଭାଗ<br>୧୮ ସଂଖ୍ୟା | ତାରିଖ ମାହେ ଡିସମ୍ବର<br>ସନ ୧୮୬୬ ମସିହା । ୧ ।<br>୨୫ଦିନ ମାର୍ଗଶିର ସନ<br>୧୨୭୪ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୪<br>ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬<br>ମଫସଲ ଗ୍ରାହକ ମାନଙ୍କୁ<br>ମୂଲ୍ୟ ଛଡ଼ା ଡାକମାସୁଲ<br>୧ ବର୍ଷକୁ ଟ ୩। |


## ଦୁର୍ଭିକ୍ଷ ଅନୁସନ୍ଧାନ କମିସନ—

ଶ୍ରୀଯୁକ୍ତ ଡେମ୍ପୀୟର ସାହେବଙ୍କୁ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଦୁର୍ଭିକ୍ଷର କଥା ଅନୁସନ୍ଧାନ ନିମନ୍ତେ ନିଯୁକ୍ତ କରିଥିବାର ଆମ୍ଭେମାନେ ଏଥିପୂର୍ବ ପ୍ରକାଶ କରିଥିଲୁଁ । ମାତ୍ର ବୋଧ ହୁଅଇ ଏ କର୍ମର ଗୁରୁତ୍ୱ ବିବେଚନାରେ ଶ୍ରୀଯୁକ୍ତ ମହାମାନ୍ୟ ଗବର୍ଣ୍ଣର ଜେନେରଲ ସାହେବ ଅଧିକନ୍ତୁ ତିନିଲୋକ ନିଯୁକ୍ତ କରି ଜଣେ ହାଇକୋର୍ଟର ଜର୍ଜ ଶ୍ରୀଯୁକ୍ତ ଅନରବଲ କାମ୍ପେଲ ସାହେବଙ୍କୁ ତାହାଙ୍କର ସଭାପତି କରିଅଛନ୍ତି । ଅବଗତ ହେଲୁଁ ଯେ କାମ୍ପେଲ ସାହେବ ମଧ୍ୟ ସ୍ୱୟଂ ଏ ଦେଶକୁ ଆସିବେ । ଗବର୍ଣ୍ଣମେଣ୍ଟ ଯେଉଁ ଯେଉଁ କଥାମାନ ବିଶେଷ ରୂପେ ତତ୍ତ୍ୱ କରିବାକୁ ଚାହାନ୍ତି ତାହା ଏ ଦେଶସ୍ଥ ଲୋକମାନଙ୍କୁ ଜ୍ଞାତ ନଥିବାରୁ ଓ ଜମିଦାରମାନଙ୍କୁ ପୂର୍ବରୁ ସେ ସମସ୍ତ ଜାଣିବାର ଅତ୍ୟନ୍ତ ଆବଶ୍ୟକ ଥିବାରୁ ଆମ୍ଭେମାନେ ସେଥିର ସାରାଂଶ ପ୍ରଶ୍ନମାନ ଅଧିକନ୍ତୁ ପତ୍ରିକାରେ ଅଦ୍ୟ ପ୍ରକାଶ କଲୁଁ । ଆମ୍ଭମାନଙ୍କର ଅଭିପ୍ରାୟ ଏହି ଯେ ଜମିଦାର ଓ ଅନ୍ୟାନ୍ୟ ବ୍ୟକ୍ତିମାନେ ପୂର୍ବରୁ ଏ ସମସ୍ତ ଜାଣିଲେ ଉକ୍ତ ହାକିମମାନଙ୍କ ସାକ୍ଷାତରେ ଅନ୍ୱେଷଣରେ ପ୍ରକୃତ ଉତ୍ତର ଦେବାକୁ ସକ୍ଷମ ହେବେ । ଏ ଅନୁସନ୍ଧାନରେ ଯେ ଉତ୍ତମ ଫଳମାନ ହେବ ତାହା କାହାରିକୁ ବିଶେଷ ରୂପେ ହୃଦୟଙ୍ଗମ କରାଇବାର ଅନାବଶ୍ୟକ । କୌଣସି ବିପତ୍ତିର କାରଣ ଜଣା ନଗଲେ ସେଥିର ନିବାରଣୋପାୟ ହୋଇ ନପାରେ ଓ ସେ କାରଣମାନ ଜଣାଇବା ପକ୍ଷରେ ଯେ ବ୍ୟକ୍ତି ଯେତେ ବାଧାଦେବେ ସେ ସେତେ ପରିମାଣରେ ଦେଶର ଅମଙ୍ଗଳ ଚେଷ୍ଟା କରିବାର ଦୋଷୀ ହେବେ ସନ୍ଦେହ ନାହିଁ । କାରଣ ଅନୁସନ୍ଧାନରୁ ଯେ ସୁଫଳ ହୁଅନ୍ତା ତାହା ସେମାନଙ୍କ ତ୍ରୁଟିରୁ ସିଦ୍ଧ ହେଉନାହିଁ ବୋଲିବାକୁ

Digitized by srujanika@gmail.com

Split by PDF Splitter



ହେବ । କେବଳ ରାଜସ୍ୱ ମାତ୍ର କମ୍ବା ଆଗତ ବନ୍ଦୋବସ୍ତର ପ୍ରକୃତ ପ୍ରଣାଳୀ ସ୍ଥିର କରିବା ନିମନ୍ତେ ଏ ବୃହତ ତଦାରଖ ହେଉଅଛି । ଅଥବା ଭବିଷ୍ୟତ କାଳକୁ ରାଜସ୍ୱ ବୃଦ୍ଧି କରିବା ଏହାର ଏକମାତ୍ର ଉଦ୍ଦେଶ୍ୟ ଏହା ବିବେଚନା କରିବା ଅତ୍ୟନ୍ତ ଅମୂଳକ । ପ୍ରଶ୍ନାବଳୀ ପାଠକଲେ ସହଜରେ ପ୍ରକାଶ ହେବ ଯେ ଏଥିରେ କେତେ କଥା ଜଣାଯାଇ ତଦ୍ଦ୍ୱାର ସୁବିଚାର ହେବ ଓ ଉତ୍ତର କାଳକୁ ଏପରି ଦୁର୍ଘଟଣାମାନ ମନୁଷ୍ୟଦ୍ୱାରା ଯେତେଦୂର ନିବାରଣ ହୋଇପାରେ ଓ ସର୍ବସାଧାରଣ ଯେ ରୂପେ ସୁଖରେ ବାସ କରିପାରନ୍ତି ଓ ଦେଶ ଯେପରି ସୁସ୍ଥ ହୁଅଇ ଏହି ସମସ୍ତ ନିଶ୍ଚୟ କରିବା ଏ ତଦାରକର ମୋକ୍ଷ ଉଦ୍ଦେଶ୍ୟ, ଆମ୍ଭେମାନେ ଭରସା କରୁଁ ଯେ ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କେହି ଯେମନ୍ତ ଭ୍ରମଯୁକ୍ତ ଆତ୍ମହାନିର ଆଶଙ୍କାରେ ମୁଗ୍ଧ ହୋଇ ଯଥାର୍ଥ ପ୍ରତ୍ୟୁତ୍ତର ଦେବାକୁ ପରାଙ୍ମୁଖ ନହେବେ ।

---

## ଆଗ୍ରା ଦରବାର—

ଆଗ୍ରା ଦରବାରକୁ ଭିନ୍ନ ଭିନ୍ନ ସ୍ଥାନରୁ ସ୍ୱାଧୀନ ଓ କରଦ ମହାରାଜା ସରଦାର ହୋଇ ପ୍ରାୟ ୮୪ ଜଣ ଆସିଥିଲେ ଓ ତାହାଛଡ଼ା ଅନେକ ଇଉରୋପୀୟ ଓ ଦେଶୀୟ ପ୍ରଧାନ ପ୍ରଧାନ ସରକାରୀ କର୍ମଚାରୀ ଓ ଅନ୍ୟାନ୍ୟ ସମ୍ଭ୍ରାନ୍ତ ଲୋକମାନେ ଉପସ୍ଥିତ ହୋଇଥିଲେ । ଦରବାର ଉପଲକ୍ଷରେ ଆଗ୍ରା ସହର ଆପଣାର ପୁରାତନ ଶୋଭା ୧୦ ଦିନ ସକାଶେ ପୁନର୍ବାର ଧାରଣ କରି ଶୁଷ୍କତରୁ ପୁନର୍ବାର ନୂତନ ପଲ୍ଲବରେ ଶୋଭିତ ହେଲାପରି ହେଲା ଆଗନ୍ତୁକ ଲୋକମାନଙ୍କର ସଂଖ୍ୟା ପ୍ରାୟ ଏକଲକ୍ଷ ହୋଇଥିଲା ଆଗ୍ରା ଦରବାରକୁ ମନୋରମ୍ୟ କରିବା ନିମନ୍ତେ ଗବର୍ଣ୍ଣର ଯେନେରଲ ବ୍ୟୟ ବିଷୟରେ କୁଣ୍ଠିତ ହୋଇ ନାହାନ୍ତି ।

ନବମ୍ବର ମାସ ୧୦ ତାରିଖରେ ସରଜନଲରେନ୍ସ ଆଗ୍ରା ରେଲଓ୍ୱେ ଷ୍ଟେସନରେ ପ୍ରବେଶ ହେଲେ ସେଠାରୁ ବହୁଲୋକ ଅଶ୍ୱ ଓ ଗଜ ଦ୍ୱାରା ପରିବେଷ୍ଟିତ ହୋଇ ଉତ୍ତର ପଶ୍ଚିମ ଓ ପଞ୍ଜାବର ଲେଫଟେନେଣ୍ଟ ଗବର୍ଣ୍ଣର ଦ୍ୱୟଙ୍କ ସମଭିବ୍ୟାହାରେ ଅଶ୍ୱାରୂଢ଼ ହୋଇ ଶିବିରକୁ ଯାତ୍ରାକଲେ ତହିଁଆରଦିନ ରୀତି ଅନୁସାରେ କେତେକ-ଜଣ ପରିଷଦଙ୍କୁ ମହାରାଜ ସିନ୍ଧିୟା ଭୂପାଳର ବେଗମ ଓ ଯୋଧପୁର ଜୟପୁରର ରାଜାଙ୍କୁ ସମ୍ଭୋଳିବା ନିମନ୍ତେ ପ୍ରେରଣ କଲେ ରାଜାମାନେ ମଧ୍ୟ ସେହିପ୍ରକାର ଶିଷ୍ଟାଚାର ପ୍ରଦର୍ଶନ କଲେ । ରାଜାମାନଙ୍କଠାରୁ ଗବର୍ଣ୍ଣର ଯେନେରଲଙ୍କ ନିକଟକୁ ସମ୍ଭୋଳା ଯାଇଥିବା ସର୍ଦ୍ଦାରମାନେ ପ୍ରତ୍ୟେକ ୧୫ ମିନିଟ ଗବର୍ଣ୍ଣର ଯେନେରଲଙ୍କ ସହିତ କଥୋପକଥନ କରି ଶେଷରେ ପାନ ଓ ଅତର ନେଇ ବିଦାୟ ହେଲେ ଓ

Digitized by srujanika@gmail.com

Split by PDF Splitter



ପ୍ରତ୍ୟେକ ସରଦାର ୧୫ ଓ ପ୍ରତ୍ୟେକ ମନ୍ତ୍ରୀରେ ୧ ସୁବର୍ଣ୍ଣମୁଦ୍ରା ନଜର ଦେଲେ । ୧୧ ଓ ୧୨ ତାରିଖରେ ଗୁପ୍ତ ଦରବାର ହେଲା ପ୍ରଥମେ ଜୟପୁର ମହାରାଜା ଓ ତାହାଙ୍କ ଉତ୍ତାରୁ ଯୋଧପୁର ମହାରାଜା ଗବର୍ଣ୍ଣର ଜେନେରଲଙ୍କ ସହିତ ସାକ୍ଷାତ କଲେ ଦୁହିଙ୍କ ସମନ୍ତେ ମର୍ଯ୍ୟାଦା ସମାନ ପ୍ରକାର ହେଲା । ବିଦେଶୀୟ ଇଲାକାର ଅଧୀନ ସେନେନେଟଗଣ ଓ ଜୟପୁରର ସରକାର ତରଫର ଏହେଣ୍ଡ ଓ ଏକଜଣ ଏଜେଣ୍ଟଙ୍କ ଦରବାର ତମ୍ବୁଠାରୁ ୧୦୦ ହାତ ପର୍ଯ୍ୟନ୍ତ ବିଦେଶୀୟ ସେନେନେଟଗଣ ଓ ନିଜ ସେନେନେଟଗଣ ଆଉ ଏକଜଣ ଏଜେଣ୍ଟଙ୍କ ସଙ୍ଗେ ଶିବିର ମଧ୍ୟ ପର୍ଯ୍ୟନ୍ତ ଉକ୍ତ ଦୁଇ ମହାରାଜାଙ୍କୁ ପାଛୋଟି ଆଣିବାକୁ ଗଲେ ଓ ଗବର୍ଣ୍ଣର ଜେନେରଲଙ୍କ ଗାଲିଚାର ଶେଷ ପର୍ଯ୍ୟନ୍ତ ଉଠିଆସି ରାଜାମାନଙ୍କୁ ନେଇ ଆସନ ଦେଲେ । ମହାରାଜା ଦୁହେଁ କିଛି ନଜର ଦେଲେନାହିଁ କିନ୍ତୁ ତାଙ୍କ ସଙ୍ଗେ ଯାଇଥିବା ୮ ଜଣ ସରଦାର ପ୍ରତ୍ୟେକ ଏକ ଏକ ମୋହର ନଜର ଦେଲେ ଯିବା ଓ ଆସିବା ସମୟରେ ପ୍ରତ୍ୟେକ ମହାରାଜଙ୍କୁ ୧୭ ତୋପ ଲେଖାଏଁ ସଲମି ହୋଇଥିଲା । ତହିଁ ଉତ୍ତାରୁ କୋଟାର ମହାରାଜା, କୃଷ୍ଣଗଡ଼ ମହାରାଜା, ଭରତପୁର ମହାରାଜା ଓ ପ୍ରତାପଗଡ଼ ମହାରାଜାଙ୍କ ସକାଶେ ଦରବାର ହେଲା । ଏମାନଙ୍କୁ ପ୍ରତ୍ୟେକ ପଥମୋକ୍ତ ଦୁଇ ମହାରାଜାଙ୍କ ପରି ମର୍ଯ୍ୟାଦା କଲେ କିନ୍ତୁ ଏହି ଭେଦ ରହିଲା ଯେ ବିଦେଶୀୟ ସେନେନେଟଗଣ ତମ୍ବୁ ଦ୍ୱାର ପର୍ଯ୍ୟନ୍ତ ଓ ଗବର୍ଣ୍ଣର ଜେନେରଲ ସ୍ୱ ଆସନରୁ ଉଠି କେତେକ ପାଦ ଗମନ କଲେ ଓ ସଲମି ତୋପ ରାଜାମାନଙ୍କ ମର୍ଯ୍ୟାଦାନୁସାରେ ୧୧ ଠାରୁ ୧୭ ପର୍ଯ୍ୟନ୍ତ ହୋଇଥିଲା । ସୁବର୍ଣ୍ଣ ଓ ରୌପ୍ୟ ବିଭୂଷିତ ହସ୍ତୀ ଓ ଗଜ ଶ୍ରେଣୀ ପରି-ବେଷ୍ଟିତ ହୋଇ ଓ ବହୁମୂଲ୍ୟ ମୁକ୍ତା, ହୀରା ଓ ଅନ୍ୟାନ୍ୟ ପ୍ରସ୍ତର ଖଚିତ ବସ୍ତ୍ରମାନ ପରିଧାନ କରି ଏହି ରାଜାମାନେ ଓ ତାହାଙ୍କ ଅନୁଚର ସର୍ଦ୍ଦାରମାନେ ଅତି ସୁଦୃଶ୍ୟ ଶୋଭା ବିସ୍ତାର କରିଥିଲେ ।

୧୩ ତାରିଖ ଚତ୍ୱରେ ଅଶ୍ୱାରୋହୀ ଓ ପଦାତିକ ଦେଶୀୟ ଓ ଇଉରୋପୀୟ ସେନାମାନେ ଦେଶୀୟ ରାଜାମାନଙ୍କୁ ଇଂରେଜ ସୈନ୍ୟର ପରାକ୍ରମ ଜଣାଇ ପାଣ୍ଡିତ୍ୟ ପ୍ରଦର୍ଶନ କଲେ । ପ୍ରଧାନ ସେନାପତି ସ୍ୱୟଂ ଅଧ୍ୟକ୍ଷତା କଲେ ଓ ତାମସିକ ଯୁଦ୍ଧ ହେଲା । ଗୋଲନ୍ଦାଜମାନଙ୍କ କ୍ଷିପ୍ର ଦକ୍ଷତା ଓ ପଦାତିକମାନଙ୍କର ଗମନ କୌଶଳ ଓ ଅଶ୍ୱାରୋହୀମାନଙ୍କର ଅସି କ୍ରୀଡ଼ା ଦେଖି ସମସ୍ତେ ବିଶେଷ ସନ୍ତୋଷ ଲାଭକଲେ । ଏହି ତାମସିକ ଯୁଦ୍ଧରେ ଗୋଟିକେତେ ଦୁର୍ଘଟଣା ଘଟିଅଛି । ଜଣେ ଅଶ୍ୱାରୋହୀ ଅଗ୍ରସର ହେବା ସମୟରେ ଅଶ୍ୱରୁ ପଡ଼ି ପ୍ରାଣତ୍ୟାଗ କରିଅଛି ଓ ତୋପଧ୍ୱନିରେ କେତେକ ହସ୍ତୀ ଭୟଙ୍କର ପଳାୟନ କରିବାରେ ୩ ଜଣ ହତ ୧୦ ଜଣ ଗୁରୁତର ଆହତ ହୋଇଅଛନ୍ତି ।

୧୪ ତାରିଖରେ ଏ ଦେଶୀୟ ଓ ଇଉରୋପୀୟ ସମସ୍ତ ପ୍ରଧାନ ଲୋକମାନେ ଗବର୍ଣ୍ଣର ଜେନେରଲଙ୍କ ସହିତ ସାକ୍ଷାତ କଲେ ତାହାଙ୍କ ସିଂହାସନ ଉପରେ ସ୍ୱର୍ଣ୍ଣ

Digitized by srujanika@gmail.com

Split by PDF Splitter



ଖଚିତ ଚାନ୍ଦୁଆ ଥିଲା ଓ ଉଭୟ ପାର୍ଶ୍ୱରେ ଉଜ୍ଜ୍ୱଳ ସ୍ୱର୍ଣ୍ଣମଣ୍ଡିତ ଆସନରେ ରାଜାଗଣ ଲେଫ୍ଟେନେଣ୍ଟ ଗବର୍ଣ୍ଣରମାନେ ଓ ପ୍ରଧାନ ପ୍ରଧାନ ସେନାପତିମାନେ ବସିଲେ । ରାଜାମାନେ ସ୍ୱ ସ୍ୱ ମର୍ଯ୍ୟାଦାନୁସାର ଗବର୍ଣ୍ଣର ଜେନେରାଲଙ୍କ ବାମ ଭାଗରେ ସ୍ଥାନ ପାଇଲେ ଓ ଅନ୍ୟ ଅନ୍ୟ ଲୋକଙ୍କୁ ଜଣ ଜଣ କରି ଏଡିକଙ୍ଗମାନେ ଏକ ଦ୍ୱାର ବାଟେ ଆଣି ଗବର୍ଣ୍ଣର ଜେନେରାଲଙ୍କ ସହିତ ସାକ୍ଷାତ କରାଇ ଅନ୍ୟ ଦ୍ୱାର ବାଟେ ବିଦାୟ କଲେ ।

୧୫ ତାରିଖରେ ଗବର୍ଣ୍ଣର ଜେନେରାଲ ପ୍ରଧାନ ପ୍ରଧାନ ରାଜାମାନଙ୍କ ତମ୍ବୁକୁ ଯାଇ ସେମାନଙ୍କ ସହିତ ସାକ୍ଷାତ କଲେ ।

୧୬ ତାରିଖରେ ପ୍ରଧାନ ଦରବାର ହୋଇ ଷ୍ଟାରପଦ ଯାହା ମହାରାଣୀଙ୍କ-ଠାରୁ ସମ୍ମାନ ଚିହ୍ନ ସ୍ୱରୂପ ଆସିଥିଲା । ଦିନ ଏଗାର ଘଣ୍ଟା ସମୟରେ ରାଜାମାନେ ତମ୍ବୁକୁ ଆସିବାକୁ ଆରମ୍ଭ କଲେ ଓ ସେମାନଙ୍କ ମର୍ଯ୍ୟାଦାନୁସାର ତୋପଧ୍ୱନି ହେଲା ଦୁଇପହର ସମୟରେ ଗବର୍ଣ୍ଣର ଜେନେରାଲ ଆସିଲେ ଓ ତାହାଙ୍କ ସକାଶେ ୨୧ ତୋପ ଉଆରିଲା । ଅନନ୍ତର ସମସ୍ତେ ଆସନ ଗ୍ରହଣ କଲା ଉତ୍ତାରୁ ସେକ୍ରେଟେରୀ ସାହେବ ଇଙ୍ଗରେଜୀ ଓ ହିନ୍ଦୁସ୍ଥାନରେ ମହାରାଣୀଙ୍କଠାରୁ ଆସିଥିବା ପତ୍ରମାନ ପାଠ କରି ଯେଉଁ ରାଜା ଓ ସମ୍ଭ୍ରାନ୍ତ ବ୍ୟକ୍ତି ମାନଙ୍କ ଉଦ୍ଦେଶ୍ୟରେ ଆସିଥିଲା ସେମାନଙ୍କୁ ଶୁଣାଇ ଦେଲେ ତହିଁ ଉତ୍ତାରୁ ପ୍ରଧାନ ସେନାପତି ପ୍ରତ୍ୟେକ ନାଇଟ ପଦପ୍ରାପ୍ତ ବ୍ୟକ୍ତିଙ୍କୁ ଗବର୍ଣ୍ଣର ଜେନେରାଲଙ୍କ ସମ୍ମୁଖକୁ ନେଇଗଲେ ଗବର୍ଣ୍ଣରଜେନେରାଲ ସ୍ୱହସ୍ତରେ ସେମାନଙ୍କ ଗଳଦେଶରେ ଫିତା ଓ ଗଳବନ୍ଧ ଦେଇ ହାତରେ ଷ୍ଟାର ଦେଇ ହିନ୍ଦୁସ୍ଥାନରେ ଏକ ବକ୍ତୃତା କଲେ ସ୍ଥାନାଭାବରୁ ସେ ବକ୍ତୃତା ବୃତ୍ତାନ୍ତ ଆମ୍ଭେମାନେ ଏ ପତ୍ରରେ ଲେଖି ନପାରିଲୁଁ ଆଗାମୀ ପତ୍ରରେ ଲେଖି ପାଠକମାନଙ୍କ କୌତୁକ ଚରିତାର୍ଥ କରିବୁଁ ।

୧୭ ତାରିଖରେ ମହାରାଜ ସିନ୍ଧିୟା ଗବର୍ଣ୍ଣର ଜେନେରାଲ ଓ ତାହାଙ୍କ ସହଧର୍ମିଣୀଙ୍କୁ ଖାଦ୍ୟ ଦେଲେ । ଯେଉଁଦିନ ରାତିରେ ବିଖ୍ୟାତ ତାଜମହଲରେ ରୋଶନି ହେଲା ନାନା ବର୍ଣ୍ଣର ସହସ୍ର ସହସ୍ର ଦୀପମାନ ଉଦ୍ୟାନର ବୃକ୍ଷମାନଙ୍କ ଡାଳରେ ଉଜ୍ଜ୍ୱଳ ହେଲା ଓ ଯମୁନାରେ ଦୀପ ମାଳାମାନ ଭସାଇ ଦେଲେ ଓ ତାଜମହଲ ମଧ୍ୟରେ ମାଗ୍ନେସିୟମର ଆଲୋକ ହେଲା ଓ ସେ ଅତୁଲ୍ୟ ମନୋରମ୍ୟ ହର୍ମ୍ୟ ସମୁଦାୟ ସଙ୍ଗ ମର୍ମର ପଥରରେ ପ୍ରସ୍ତୁତ ହୋଇ ସେଥି ଉପରେ ସୁବର୍ଣ୍ଣ ପତ୍ରମାନ ହୋଇ ବହୁମୂଲ୍ୟ ରତ୍ନମାନ ସେଥିରେ ଖଚିତ ହୋଇଥିବାରୁ ଚନ୍ଦ୍ରକିରଣରେ ଅପୂର୍ବ ଶୋଭା ଧାରଣ କଲା ଅନ୍ୟ କୌଣସି ଆଲୋକର ଆବଶ୍ୟକ ହେଲନାହିଁ । କୃତ୍ରିମ ଉପାୟ ଦ୍ୱାରା ବିଦ୍ୟୁତ ଦ୍ୱାରା ଆଲୋକ ସେଥିଉପରେ ଫକାଇବାର

Digitized by srujanika@gmail.com

ଉଦ୍‌ଯୋଗ ହୋଇଥିଲ ମାତ୍ର କୌଣସି କାରଣରୁ ତାହା ସଫଳ ହୋଇ ପାରିଲ ନାହିଁ । ଏବେ ତାଜମହଲ ଶିଳ୍ପ ନୈପୁଣ୍ୟର ପରାକାଷ୍ଠା ତହିଁରେ ଏସମସ୍ତ ଆଲୋକ ଦିଆଯିବାରୁ କିପରିକି ନୟନପ୍ରିୟ ହୋଇଥିବ ତାହା ଯେଉଁମାନେ ସେ ଅତୁଳ୍ୟ ମାଧୁରୀ ଦର୍ଶନ କରି ଚକ୍ଷୁ ପବିତ୍ର କରିଅଛନ୍ତି । ସେମାନଙ୍କର ଉତ୍ତମ ରୂପେ ହୃଦୟଙ୍ଗମ ହୋଇ ପାରିବ । ଦରବାର ଉପଲକ୍ଷରେ ଯେ ସମସ୍ତ ଆୟୋଜନ ହୋଇଥିଲ ସେଥିରେ ସମସ୍ତଙ୍କ ଚିତ୍ତ ଆନନ୍ଦ ହୋଇଅଛି କିନ୍ତୁ କେତେକ ସାମାନ୍ୟ ବିଷୟ ହେତୁ ରାଜାମାନେ ଓ ଦେଶୀୟ ଅନ୍ୟାନ୍ୟ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ସରଜନ୍‌ଲରେନ୍‌ସଙ୍କ ପ୍ରତି ଅସନ୍ତୁଷ୍ଟ ହୋଇ ଅଛନ୍ତି । ଇଉରୋପୀୟମାନେ ଅକ୍ଳେଶରେ ଉପାନହ ସହିତ ଗଭର୍ଣ୍ଣରଙ୍କର ଯେନେରଲଙ୍କ ସମ୍ମୁଖରେ ଯାଇ ଦଣ୍ଡାୟମାନ ହେଲେ କିନ୍ତୁ ଯୋଧପୁର ଓ ଜୟପୁର ମହାରାଜାମାନଙ୍କୁ ଖାଲି ଗୋଡ଼ରେ ଦରବାର ମଧ୍ୟକୁ ଯିବାକୁ ହେଲ । ମହାରାଣୀ ଏ ରାଜାମାନଙ୍କୁ ଆପଣା ଜ୍ୟେଷ୍ଠପୁତ୍ରଙ୍କ ସମାନ ମର୍ଯ୍ୟାଦା ଦେବା ପ୍ରତ୍ୟକ୍ଷେ ତାହାଙ୍କ ଏ ଦେଶସ୍ଥ ପ୍ରତିନିଧିମାନେ ଯେ କି ଅଭିପ୍ରାୟରେ ଏ ପ୍ରକାର ସାମାନ୍ୟ ବିଷୟରେ ଅସମ ନ କରାଇଲେ ତାହା ଆମ୍ଭମାନଙ୍କର ବୋଧଗମ୍ୟ ହେଉନାହିଁ ଏତଦ୍ଭିନ୍ନ ବ୍ୟତିରେକେ ତାଜମହଲ ମଧ୍ୟକୁ ଯିବା ସକାଶେ ଇଉରୋପୀୟମାନଙ୍କ ନିମନ୍ତେ କୌଣସି ବାଧା ରହିଲ ନାହିଁ କିନ୍ତୁ ଏ ଦେଶୀୟ ବ୍ୟକ୍ତିମାନଙ୍କ ମଧ୍ୟରୁ କେବଳ ୧୫୦ ଜଣଙ୍କୁ ଟିକେଟି ଦିଆଗଲ । ରାଜାମାନଙ୍କ ସଙ୍ଗେ ପ୍ରଧାନ ସର୍ଦ୍ଦାର ଓ ପରିଷଦ ଅନେକ ଥିଲେ ସୁତରାଂ ସେମାନେ ସେଠାକୁ ଯାଇ ପାରିଲେନାହିଁ । ଏପରି ପ୍ରଭେଦ ରଖିବାର କି ପ୍ରୟୋଜନ ଥିଲ । ଏପ୍ରକାର ସାମାନ୍ୟ କାରଣମାନଙ୍କରୁ କି ଲୋକମାନଙ୍କ ଚିତ୍ତରେ ଇଂରେଜ ଶାସନ ପ୍ରଣାଳୀ ପ୍ରତି ଭକ୍ତିର ହ୍ରାସ ହୋଇ ପାରେନାହିଁ । ଇଂରେଜ ରାଜ୍ୟାଧୀନ ଆମ୍ଭେମାନେ ବିଦ୍ୟାର ସଭ୍ୟତା ପ୍ରଭୃତି ନାନାପ୍ରକାର ସୁଖ ସ୍ୱଚ୍ଛନ୍ଦତା ଭୋଗ କରୁଅଛୁ ସନ୍ଦେହ ନାହିଁ କିନ୍ତୁ ଏହି [illegible] ବିଷୟ ଦର୍ଶନ ଓ ସ୍ମରଣ କଲବେଳେ ଆମ୍ଭମାନଙ୍କର ପରାଧୀନତା ଜନ୍ୟ ଦୁଃଖ ଅନୁଭବ ହୁଏ ।

---

## ସାପ୍ତାହିକ ସଂବାଦ—

ଫରାସିସ ଦେଶୀୟ କୌଣସି ଏକ ଧନୀ ଓ ମାନ୍ୟମାନ ସ୍ତ୍ରୀ ଉପଦେଶ ଦେଇ ଅଛନ୍ତି ଯେ ଭ୍ରମଣ କରିବା ସମୟରେ ସ୍ତ୍ରୀ ଲୋକମାନଙ୍କ ଉଚିତ ଯେ ମୋଜା ଓ ଯୋତା ପରିଧାନ କରିବେ ନାହିଁ । ଏସବୁ ପରିଧାନ କଲେ ସୌନ୍ଦର୍ଯ୍ୟ ଓ ଆରୋଗ୍ୟ ପକ୍ଷେ ହାନି ଜନକ ।

Digitized by srujanika@gmail.com

Split by PDF Splitter



ଏ ଦେଶର ସ୍ତ୍ରୀ ଶିକ୍ଷା ବିଷୟ ଉତ୍ସାହ ଦେବା ସକାଶେ ମିଶକାରପେଣ୍ଟର ନାମେ ଏକ ସ୍ତ୍ରୀ ସ୍ୱଇଚ୍ଛାରେ ବିଲାତରୁ ଆସିଅଛନ୍ତି ସେ କୁହନ୍ତି ଯେ ଏ ଦେଶର ବାଳିକାମାନଙ୍କ ଅପେକ୍ଷା ବିଲାତର ବାଳିକାମାନେ ଦୁଷ୍ଟ ।

ଅଳ୍ପ ଦିନ ହେଲା କଲିକତାସ୍ଥ ବ୍ରହ୍ମଧର୍ମମତାବଲମ୍ବି ପ୍ରସନ୍ନ କୁମାର ସେନ ନାମେ ଏକଜଣ ବୈଦ୍ୟ ୧୯ ବର୍ଷ ବୟସ୍କା ଏକ ବ୍ରାହ୍ମଣୀ କନ୍ୟାକୁ ବ୍ରହ୍ମଧର୍ମ ଶାସ୍ତ୍ର ଅନୁସାରେ ବିବାହ କରିଅଛନ୍ତି । ୫୯

ବିଲାତର କୌଣସି ଖବର କାଗଜ ଲେଖିଅଛନ୍ତି ଯେ ହିନ୍ଦୁ ଓ ମୁସଲମାନ-ମାନଙ୍କୁ ଖ୍ରୀଷ୍ଟିୟାନ କରିବାର ଚେଷ୍ଟା ବୃଥା ଏମାନଙ୍କୁ ଖ୍ରୀଷ୍ଟିୟାନ କରିବାରେ ଯେଉଁ ପରିଶ୍ରମ ସ୍ୱୀକାର ହୁଏ ତାହା ଆପଣା ଦେଶର ଅର୍ଥାତ୍ ବିଲାତର ମନ୍ଦାଚରଣ ଲୋକମାନଙ୍କ ଆଚରଣ ସୁଧାରିବାରେ ଲଗାଇଲେ ଆହୁରି ଫଳଦାୟକ ହୁଅନ୍ତା ।

ଫ୍ରେଣ୍ଡ ଅବ ଇଣ୍ଡିଆ କୁହନ୍ତି ଯେ ଆଗ୍ରା ଦରବାରରେ ଗବର୍ଣ୍ଣର ଯେନରଲ ଯୋଧପୁର ମହାରାଜାଙ୍କୁ ପଚାରିଲେ ଯେ ତୁମ୍ଭର କେତେ ସନ୍ତାନସନ୍ତତି । ସେଥିରେ ମହାରାଜ ଆପଣା ସଙ୍ଗେ ଥିବାର ସର୍ଦ୍ଦାରମାନଙ୍କୁ ଉତ୍ତର ଦେବାକୁ ଆଦେଶ କରିବାରୁ ସେମାନେ କହିଲେ ଏଗାରଜଣ ଏଥିରେ ମହାରାଜା ରାଗରେ କହିଲେ "ନାଁ, ଏକଶରୁ ଅଧିକ" ସେଥିରେ ସରକାର ଭୀତ ହୋଇ କହିଲେ ହଁ। ଫୁଲ ବିବାହ ମାନଙ୍କର ସନ୍ତାନ ଇତ୍ୟାଦିଙ୍କୁ ଗଣନା କଲେ ଶହେରୁ ଅଧିକ ହେବେ ।

ଉକ୍ତ ସମ୍ବାଦ ପତ୍ର କୁହନ୍ତି ଯେ ଆମେରିକା ଦେଶର ଏକ ଖବର କାଗଜର ମାଲିକ କାଗଜ ଚଳାଇବା ଦ୍ୱାରା ବରଷକୁ ୩,୨୦,୦୦୦ ଟଙ୍କା ଆୟ କରନ୍ତି ।

ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଦୁର୍ଭିକ୍ଷ ବିଷୟମାନ ଅନୁସନ୍ଧାନ କରିବା ନିମନ୍ତେ ଏଥି ପୂର୍ବ ନିଯୁକ୍ତ ହୋଇଥିବା ବ୍ୟକ୍ତିମାନଙ୍କ ସଂଖ୍ୟା ବୃଦ୍ଧି କରିଅଛନ୍ତି । ହାଇକୋର୍ଟର ଜଜ କେମ୍ବଲ ସାହେବ ଏଥିରେ ପ୍ରେସିଡେଣ୍ଟ ଅର୍ଥାତ୍ ସଭାପତି ହୋଇଅଛନ୍ତି । ତଳ ଲେଖିତ ବ୍ୟକ୍ତିମାନେ ମେମ୍ବର ଅର୍ଥାତ୍ ସଭ୍ୟ ଅଟନ୍ତି ।

କର୍ଣ୍ଣେଲ ମର୍ଟନ ସାହେବ, ଏକଜଣ ଡାକ୍ତର, ଡେମ୍ପୀୟର ସାହେବ, କକରେଲ ସାହେବ ।

କକରେଲ ସାହେବ ବେହାର ଦେଶର ଦୁର୍ଭିକ୍ଷ ବିଷୟ ତଦାରଖ କରିବାକୁ ଯିବେ । ଅନ୍ୟମାନେ ଓଡ଼ିଶାର ଦୁର୍ଭିକ୍ଷ ସମ୍ବନ୍ଧୀୟ ବିଷୟମାନ ତଦାରଖ କରିବେ ।

Digitized by srujanika@gmail.com

Split by PDF Splitter



ଆମ୍ଭେମାନେ ଏଥି ପୂର୍ବେ ବାଙ୍କିଜଲର ରାଧିନାମେ ଏକ ସ୍ତ୍ରୀ ବାଳକ ହତ୍ୟା କରିଥିବାର ଲେଖିଥିଲୁଁ । ତାହାପ୍ରତି ପ୍ରାଣଦଣ୍ଡର ଆଜ୍ଞା ହେଲା ଗତ ବୁଧବାର ଦିନ ତାହାକୁ ଫାଶି ଦେବାର ହୁକୁମ ହୋଇଥିଲା କିନ୍ତୁ ପରେ ପ୍ରକାଶ ହେଲା ଯେ ତାହାର ଗର୍ଭ ହୋଇଅଛି । ଅତଏବ ପ୍ରସବ ହେବା ପର୍ଯ୍ୟନ୍ତ ଫାଶି ସ୍ଥଗିତ ରହିଲା । ପରମାୟୁ ଥିଲେ ଲୋକେ ଏହିପରି ବଞ୍ଚନ୍ତି ।

ଜଳ କୁଆଗଡ଼ରେ ସେହିପରି ଏକ ବାଳକ ହତ୍ୟା ହୋଇଅଛି । ସାମାନ୍ୟ ଅଲଙ୍କାର ଲୋଭରେ ମନୁଷ୍ୟ ପ୍ରାଣ ନଷ୍ଟକରିବା କି ନୃଶଂସ କର୍ମ ।

ଏଡ଼ୁକେସନ ଗେଜେଟ ଶ୍ରବଣ କରିଅଛନ୍ତି ଯେ ଗତ ନବମ୍ବର ମାସ ତା ୧୩ ରିଖ ମଙ୍ଗଳବାର ପ୍ରାତଃ କାଳରେ ଆଗ୍ରାରେ ଘୋରତର ଭୂମିକମ୍ପ ହୋଇଅଛି ଏହି କମ୍ପରେ ବଡ଼ ବଡ଼ କୋଠାମାନ କମ୍ପିଲା ଓ ଗୃହ ମଧ୍ୟରେ ରହିବାକୁ କାହାର ସାହାସ ହେଲା ନାହିଁ । ବୁଧବାର ରାତ୍ରିରେ ଅତି ଉଜ୍ଜ୍ୱଳ୍‌ଲ୍‌କାପିଣ୍ଡମାନ ଦେଖାଗଲା ।

ଆମେରିକାର ସମ୍ବାଦ ପତ୍ରରେ ଲେଖା ହୋଇଅଛି ଯେ ନିଉଅର୍ଲିୟନରୁ ଜଣେ ଇଟାଲୀୟ ନରହତ୍ୟା ଅପରାଧରେ ଧରା ହୋଇଅଛି ସେ ଗୋଟି ସୁଖଗ୍ର ବିଷାକ୍ତ ମୁଦି ଆଙ୍ଗୁଠିରେ ରଖିଥାଏ ତଦ୍ଦ୍ୱାରା କାହାରକୁ ଆଘାତ କଲେ ହେହି ସୂଚ୍ୟ ଗ୍ରସ୍ଥା ଦ୍ୱାରା ଆହତ ବ୍ୟକ୍ତି ଶରୀର ମଧ୍ୟରେ ବିଷ ପ୍ରବେଶ କରି ତିନି ଘଣ୍ଟା ମଧ୍ୟରେ ତାହାର ନିଶ୍ଚୟ ମୃତ୍ୟୁ ହୁଏ ।

ହୋମପ୍ରକାଶ ଉତ୍ତର ପଶ୍ଚିମାଞ୍ଚଳର ସମ୍ବାଦପତ୍ର ସମୂହରୁ ଅବଗତ ହୋଇ ଅଛନ୍ତି ଯେ ରାମପୁରର ବିଚାର ପ୍ରଣାଳୀ ଅଦ୍ୟାପି ପୁରାତନ ରୀତି ଅନୁସାରେ ଚଳୁ ଅଛି । ନରହତ୍ୟା ଅପରାଧରେ ଅପରାଧୀର ଶିରଚ୍ଛେଦର ଆଜ୍ଞା ହୁଏ । ମୁସଲମାନ ଆଇନ ଅନୁସାର ଜଲ୍ଲାଦ ତିନି ଚୋଟ ମାରେ ତହିଁ ଉତ୍ତାରୁ ଯେ ବଞ୍ଚେ ତାହାକୁ ଆଉ ବଧ କରନ୍ତି ନାହିଁ । କେହି ଚୋରି କଲେ ତାହାର ହାତକାଟି ତପ୍ତ ତୈଳରେ ବୁଡ଼ାନ୍ତି । ଭାରତବର୍ଷ ଗବର୍ଣ୍ଣମେଣ୍ଟ ଚେଷ୍ଟା କଲେ ଏକଷ୍ଟୁର ଦଣ୍ଡ ଉଠିଯାଇ ପାରେ ।

ଉକ୍ତ ପତ୍ର ଲେଖନ୍ତି ଯେ ଦିଲ୍ଲୀଠାରୁ ଅମୃତ ସହର ପର୍ଯ୍ୟନ୍ତ ରେଲଓଏ ପ୍ରସ୍ତୁତ ହେଉଅଛି । ଦୁଇବର୍ଷ ମଧ୍ୟରେ କର୍ମ ନିଷ୍ପନ୍ନ ହେବ ।

ବୋମ୍ବାଇଦେଶର ସାଧାରଣ କାର୍ଯ୍ୟନିମନ୍ତେ ଗବର୍ଣ୍ଣମେଣ୍ଟ ୭ ଲକ୍ଷ ଟଙ୍କା ଋଣ କରୁଅଛନ୍ତି । ସୁଧ ସତକଡ଼ା ୫ଟଙ୍କା ଲେଖାଏଁ ଦିଆଯିବ । ତିନିବର୍ଷ ପରେ

Digitized by srujanika@gmail.com

Split by PDF Splitter



କିସ୍ତିବନ୍ଦ ହୋଇ କ୍ରମରେ ୧୦,୨୦ ଓ ୩୦ ଲକ୍ଷ ଟଙ୍କା ପରିଶୋଧ ହେବ । ଯେଉଁ ଟଙ୍କା ଦେବାକୁ ଇଚ୍ଛା କଲେ ଡିସେମ୍ବର ମାସ ତା ୨୦ ଖ ମଧ୍ୟରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟର ରାଜସ୍ୱ ସମ୍ପର୍କୀୟ ସେକ୍ରେଟେରିଙ୍କ ନିକଟକୁ ଆବେଦନ ପତ୍ର ପଠାଇବ ।

ସୋମପ୍ରକାଶ ଲେଖନ୍ତି ଯେ ମହାରାଜ ଜଙ୍ଗ ବାହାଦୁର ୧୦୦୦୦ ଲୋକ ଓ ୫୦୦ ହାତୀ ସଙ୍ଗେନେଇ ଅଯୋଧ୍ୟାର ଅନ୍ତର୍ଗତ ତୁଳସୀପୁରରେ ତାହାଙ୍କ ଜ୍ୟେଷ୍ଠପୁତ୍ର ସହିତ କାଶୀପୁର ରଜାଙ୍କ କନ୍ୟାକୁ ବିବାହ କରିବାକୁ ଆସୁଅଛନ୍ତି ।

ଶ୍ରୀଯୁତ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ବିଡ଼ନ ସାହେବ ଗତ ନବେମ୍ବର ମାସ ତା ୨୩ ଖରେ ଆଗ୍ରାଦରବାରରୁ କଲିକତାକୁ ପ୍ରତ୍ୟାବର୍ତ୍ତିନ କଲେ ।

ଏଡୁକେଶନ ଗେଜେଟ ଲେଖନ୍ତି ଯେ ଡେମ୍ପିୟର ସାହେବ ଦୁର୍ଭିକ୍ଷ ପୀଡ଼ିତ ଦେଶମାନଙ୍କରେ ଯେତେ ଦିନ ବିଶେଷ କାର୍ଯ୍ୟରେ ନିଯୁକ୍ତ ରହିବେ ସେତେ ଦିନ ଡିପୋଟୀ କଲାଟର ଡିପୋଟୀ ମେଜଷ୍ଟର ବାବୁ ରମାନାଥ ସେନ ତାହାଙ୍କ ସହାୟତା କରିବେ ।

ଉକ୍ତ ପତ୍ରରୁ ଅବଗତ ହେଲୁଁ ଯେ ନବେମ୍ବର ମାସ ତା ୧୭ ଖରେ ପୀରପଇଁତି ରେଲଓଏ ଷ୍ଟେସନରେ ଗୋଟିଏ ଦୁର୍ଘଟଣା ହୋଇଅଛି । ଖଣ୍ଡେ ଡାକଗାଡ଼ି ହାବଡ଼ା ଅଭିମୁଖରେ ଆସୁଥିଲା । ସେହି ଲଏନରେ ଖଣ୍ଡେ ମାଲଗାଡ଼ି ଥିଲା ସେହି ଚଳନ୍ତ ଗାଡ଼ି ମାଲଗାଡ଼ି ଉପରେ ଏ ଡ଼ିବାରେ ଉଭୟ ଗାଡ଼ିର ଯଥୋଚିତ କ୍ଷତି ହୋଇ ଅଛି । କିନ୍ତୁ ସୌଭାଗ୍ୟର ବିଷୟ ଯେ କାହାର ପ୍ରାଣ ନଷ୍ଟ ହୋଇ ନାହିଁ ।

ଲାହୋରରେ ଗୋଟିଏ ଅଦ୍ଭୁତ ଘଟଣା ହୋଇଅଛି । ଆକାଶ ଅନେକ କାଳଯାଏ ମେଘାଚ୍ଛନ୍ନ ଥାଇ ପଛକୁ କେତେକଗୁଡ଼ିଏ ଉଲ୍‌କା ପିଣ୍ଡ ଦେଖାଗଲା । ସେହିସବୁ ଉଲ୍କାପିଣ୍ଡ ଲାହୋରର ଦକ୍ଷିଣ ପଶ୍ଚିମ କୋଣାଭିମୁଖରେ ପତନୋନ୍ମୁଖ ହେଲା ସେଠାରେ ଅନେକ ଲୋକ ବର୍ଣ୍ଣନା କରନ୍ତି ଯେ ପ୍ରଳୟର ଆଉ ବିଳମ୍ବ ନାହିଁ ।

ଯୋଧପୁର ମହାରାଜା ତଖତ୍‌ସିଂହ ବାହାଦୁର ଗବର୍ଣ୍ଣର ଜେନରଲଙ୍କ ସହିତ କଲିକତାକୁ ଆସିବେ ତାହାଙ୍କ ପ୍ରଧାନମନ୍ତ୍ରୀ ଲାଲଜୀ ଶ୍ରୀପତି ସିଂହ ଓ ଅନ୍ୟାନ୍ୟ ପାରିଷଦମାନେ ମଧ୍ୟ ତାହାଙ୍କ ସଙ୍ଗେ ଆସିବେ ।

Digitized by srujanika@gmail.com

Split by PDF Splitter



ଦକ୍ଷୀ ନନ୍ଦନ ଲେଖନ୍ତି ଯେ ବଙ୍ଗାଳ ଗବର୍ଣ୍ଣମେଣ୍ଟର ସେକ୍ରେଟରୀ ଇଡ଼ନ୍ ସାହେବ ଆଗତ ମାର୍ଚ୍ଚମାସରେ ଇଂଗଲଣ୍ଡ ଗମନ କରିବେ ।

ଶ୍ରୀଯୁକ୍ତ ବାବୁ ଚନ୍ଦ୍ର ଶେଖର ବନ୍ଦ୍ୟୋପାଧ୍ୟାୟ କଟକର ଏକଟିଂ ଡ଼ିପୋଟୀ କଲଟର ଓ ଡ଼ିପୋଟୀ ମେଜଷ୍ଟର କର୍ମରେ ନିଯୁକ୍ତ ହୋଇଅଛନ୍ତି ।

ସୋମପ୍ରକାଶ ଲେଖନ୍ତି ଯେ ସମ୍ରାଟ ତୃତୀୟ ନେପୋଲିୟନ ବହୁମୂତ୍ର ରୋଗଗ୍ରସ୍ତ ହୋଇଅଛନ୍ତି ଏ ହେତୁ ଇଉରୋପୀୟ ସମସ୍ତ ଲୋକମାନେ ଉତ୍କଣ୍ଠିତ ହୋଇ ଅଛନ୍ତି କାରଣ ଇଉରୋପର ଶାନ୍ତି ଅନେକାଂଶରେ ସମ୍ରାଟଙ୍କ ଉପରେ ନିର୍ଭର କରେ । ଇଂଗଲଣ୍ଡୀୟ ଲାନ୍‌ସେଟ ପତ୍ରରେ ଲେଖା ହୋଇଅଛି ଯେ ସମ୍ରାଟଙ୍କ ରୋଗ ସାଂଘାତିକ ନୁହେ କେବଳ ଅବସର ଓ ବିଶୁଦ୍ଧବାୟୁ ଆବଶ୍ୟକ କରେ ସମ୍ରାଟ ବର୍ତ୍ତମାନ ବାସ୍ତା ବିଟନରେ ଅଛନ୍ତି ତଥାପି ତାହାଙ୍କୁ ଏତେ ପରିଶ୍ରମ କରିବାକୁ ହୁଏ ଯେ ମନ୍ତ୍ରୀ ବର୍ଗ କୌଣସିମତେ ତାହାଙ୍କୁ ନ ଦେଖାଇ ବିଦେଶକୁ ପ୍ରେରଣ କରିପାରନ୍ତି ନାହିଁ ।

ଉକ୍ତପତ୍ର କହନ୍ତି ଯେ ଇଂଗଲଣ୍ଡର ସାମାଜିକ ବିଜ୍ଞାନ ସଭାରେ ମେଜର ଜେନରଲ ସରଆର୍ଥର କଟନ ସାହେବ ଭାରତ ବର୍ଷ ଦୁର୍ଭିକ୍ଷ ବିଷୟରେ ଏକ ପତ୍ର-ପାଠ କରିଅଛନ୍ତି । ଏଦେଶର କୃଷି କାର୍ଯ୍ୟ ନିମନ୍ତେ ଜଳର ଅତିଶୟ ପ୍ରୟୋଜନ କିନ୍ତୁ ଯେ ସମସ୍ତ ନଦୀ ଅଛି ତହିଁରେ ଜଳର ଅଭାବ ନାହିଁ । ସୁତ ଅନୁସାରେ ଖାଲ ଖୋଳି ଏହି ଜଳସେଚନ କଲେ ଯଥେଷ୍ଟ ହେବ । ସର ଆର୍ଥର କଟନ କହନ୍ତି ପ୍ରତି ୧୦ ବର୍ଷ ଅନ୍ତରରେ ଭାରତ ବର୍ଷର କୌଣସି ଏକ ସ୍ଥାନରେ ଦୁର୍ଭିକ୍ଷ ହୁଏ । ମାନ୍ଦ୍ରାଜର ଯେଉଁ ଅଂଶରେ ଖାଲରୁ ଜଳ ସେଚନ କରାଯାଏ ସେଠାରେ ଦୁର୍ଭିକ୍ଷ ହୁଏ ନାହିଁ । ଗବର୍ଣ୍ଣମେଣ୍ଟ କହନ୍ତି ଖାଲ ଖୋଳିବାକୁ ଗଲେ ଅନେକ ଟଙ୍କା ବ୍ୟୟ ହେବ । ସେଥି ଉତ୍ତରରେ ସର ଆର୍ଥର କଟନ କହନ୍ତି ଦୁର୍ଭିକ୍ଷ ଘଟିଲେ ଗବର୍ଣ୍ଣମେଣ୍ଟ ଅନେକ ଟଙ୍କା ବ୍ୟୟ କରନ୍ତି ମାତ୍ର ଦୁର୍ଘଟଣା ହେଲେ ସେଥିର ପ୍ରତିକାରରେ ବ୍ୟୟ କରିବା ଅପେକ୍ଷା ପୂର୍ବରୁ ଅର୍ଦ୍ଧ କୋଟି ଟଙ୍କା ବ୍ୟୟ କଲେ ଅନେକ କାର୍ଯ୍ୟ ଦର୍ଶିବ । ସାର ଆର୍ଥର ଜଣେ ବିଖ୍ୟାତ ଇଞ୍ଜିନିୟର ଅଟନ୍ତି ମାନ୍ଦ୍ରାଜର ଖାଲ ଖନନ ପ୍ରଣାଳୀ ତାହାଙ୍କ କୃତ । ସେ ଯାହା କହିଅଛନ୍ତି ତାହାଗ୍ରାହ୍ୟ କଲେ ବିଶେଷ ଇଷ୍ଟ ଲାଭ ହେବାର ସମ୍ଭାବନା । ଇରିଗେସନ କମ୍ପାନି ଉଡ଼ିଶ୍ୟାରେ ବର୍ତ୍ତମାନ ଯେ ଖାଲ ଖୋଳିଅଛନ୍ତି ଏହା ପୂର୍ବରୁ ଥିଲେ ଗତବର୍ଷ ଅନାବୃଷ୍ଟିରେ ଫସଲ ନୋକସାନ ହୋଇ ଯେପରି ଦୁରବସ୍ଥା ହେଲା ଏହା କଦାପି ହୋଇ ନ ଥାନ୍ତା ।

ଉକ୍ତପତ୍ର ଲେଖନ୍ତି ଯେ ଫତେଇ ସଲମ ନାମକ ସିଙ୍ଗାପୁରର ଗୋଟିଏ ଜାହାଜ ଦର୍ପଣ ମହଣ ଦୋଳା ପ୍ରଭୃତି ନେଇ ନକୋବର ଦ୍ୱୀପକୁ ବାଣିଜ୍ୟ

Digitized by srujanika@gmail.com

Split by PDF Splitter



କରିବାକୁ ଯାଉଥିଲା । ସେ ସ୍ଥାନର ବନ୍ୟମାନେ ଯାହାଜକୁ ଆସି ଅଧ୍ୟକ୍ଷ ଓ ନାବିକମାନଙ୍କୁ ହଠାତ୍ ଆକ୍ରମଣ କରି ବଧକଲେ । ତିନିଜଣ ନାବିକ ଜାହାଜ ତଳେ ଲୁଚିରହି ରକ୍ଷା ପାଇଲେ । ସନ୍ଧ୍ୟା ଉତ୍ତାରୁ ଜାହାଜ ଉପରକୁ ଆସି ସେମାନେ ଦେଖିଲେ ଯେ କେବଳ ଶୋଣିତ ଓ ଗୋଟିକେତେ ଦାନ୍ତ ପଡ଼ିଥିଲା ଆକ୍ରମଣକାରୀ ଓ ମୃତ ନାବିକମାନଙ୍କର କୌଣସି ଚିହ୍ନନାହିଁ । ସେ ତିନିଜଣ ନାବିକ ତତ୍କ୍ଷଣାତ୍ ନଙ୍ଗରଟେକି ଯାହାଜ ନେଇ ପଳାଇଗଲେ ।

ବୋମ୍ବାଇରୁ ଟେଲିଗ୍ରାଫ ଦ୍ୱାରା ଖବର ଆସିଅଛି ଯେ ସେଠାର ପ୍ରଧାନ ବିଚାରାଳୟ ପ୍ରେମଚାନ୍ଦ ରାୟଚାନ୍ଦଙ୍କୁ ଏହି ନିୟମରେ ପୁନର୍ବାର ବ୍ୟବସାୟ କରିବାର ଅନୁମତି ଦେଇଅଛନ୍ତି ଯେ ଏକବର୍ଷ ମଧ୍ୟରେ ତାହାଙ୍କର ଯେତେ ଆୟହେବ ସେଥିର ଅର୍ଦ୍ଧ ମହାଜନମାନଙ୍କୁ ଦେବେ ।

ଗତ ସପ୍ତାହରେ କଟକରେ ଚାଉଳର ଦାମ ବୃଦ୍ଧି ହୋଇଥିଲା ନଦୀ ଧାରରେ ୧ ଟଙ୍କାକୁ ୧୪।୧୫ ସେର ଓ ବଜାରରେ ୧୩।୧୪ ସେରରେ ବିକ୍ରି ହେଉଥିଲା । ଏ ସପ୍ତାହରେ ସମ୍ବଲପୁରରୁ ଆମଦାନି କମ ହେବାରୁ ଦର ବେଶୀ ହୋଇଅଛି । ନଦୀ ଧାରରେ ୧ ଟଙ୍କାକୁ ୧୩ ସେର ଓ ବଜାରରେ ୧ ଟଙ୍କାକୁ ୧୨ ସେର ଲେଖାଏ ବିକ୍ରି ହେଉଅଛି ।

ଶ୍ରୀଯୁତ ବାବୁ ଈଶାନ ଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ଓ ଶ୍ରୀଯୁତ ବାବୁ ଲକ୍ଷ୍ମୀନାରାୟଣ ଚୌଧୁରୀ କଟକ ବାଲୁଙ୍କ ଟଙ୍କଶାଳସ୍ଥ କୁମେଟୀର ମେମ୍ବର ପଦରେ ନିଯୁକ୍ତ ହୋଇ ଅଛନ୍ତି ।

---

## ବିଜ୍ଞାପନ —

ପତ୍ରିକା ଗ୍ରାହକ ମାନଙ୍କୁ ଜଣାଉଅଛୁଁ ଯେ ଗ୍ରାହକ ହେବା ସମୟଠାରୁ ଅଥବା ଯେ ସମୟ କ୍ରମରେ ଅଗ୍ରୀମ ମୂଲ୍ୟ ଦିଆ ଯାଇଥାଏ ସେ ସମୟ ଶେଷଠାରୁ ତିନିମାସ ମଧ୍ୟରେ ଅଗ୍ରୀମ ମୂଲ୍ୟ ନଦେଲେ ତାହାଙ୍କଠାରୁ ବକେୟା ନିରଖରେ ମୂଲ୍ୟ ନିଆଯିବ ।

ଶ୍ରୀ ଗୌରୀଶଙ୍କର ରାୟ

---

ଏହି ପତ୍ରିକା ସମ୍ପର୍କୀୟ ସମସ୍ତ ଚିଠୀପତ୍ର ଓ ଟଙ୍କା ଇତ୍ୟାଦି ଶ୍ରୀ ଗୌରୀଶଙ୍କର ରାୟ ମେନେଜରଙ୍କ ନାମରେ ପଠାଇବାକୁ ହେବ ।

ଏହି ଉତ୍କଳ ଦୀପିକା ସହର କଟକ ଆଲମଚାନ୍ଦ ବଜାର କଟକ ପ୍ରିଣ୍ଟିଂ କମ୍ପାନିର ପଥର ଛାପାରେ ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରଚାର କରାଗଲା ।

Digitized by srujanika@gmail.com

Split by PDF Splitter

# ଅତିରିକ୍ତ

ଉତ୍କଳ ଦୀପିକା ୮ ତାରିଖ ଡିସେମ୍ବର ସନ ୧୮୬୫ ମସିହା ଶନିବାର

୧ । ସନ ୧୮୬୫ ସାଲର ସେପ୍ଟେମ୍ବର ମାସରେ ଅର୍ଥାତ ବର୍ଷାକାଳ ଶେଷରେ ବଜାରରେ କି ଭାଉରେ ଶସ୍ୟ ବିକ୍ରୟ ହେଉଥିଲା ଓ ଦେଶରେ କି ପରିମାଣରେ ଶସ୍ୟ ଥିଲା ? ଓ ଶସ୍ୟର ଦର କିପରି ଥିଲା ?

୨ । କେବେ ଦୁର୍ଭିକ୍ଷର ଆଶଙ୍କା ହେଲା ?

୩ । ୧୮୬୫ ସାଲର ସେପ୍ଟେମ୍ବର ମାସ କିଞ୍ଚିତ ପୂର୍ବରୁ ଓ ପରେ ଶସ୍ୟ କି ପରିମାଣରେ ଜିଲ୍ଲାରେ ଆମଦାନି ଓ ରପ୍ତାନି ହୋଇଅଛି ?

୪ । ୧୮୬୫ ସାଲରେ ଶାରଦ ଫସଲ କିପରି ପାଇଥିଲେ ।

୫ । ମୂଲ୍ୟ କ୍ରମଶଃ କି ପରିମାଣରେ ବୃଦ୍ଧି ହୋଇଅଛି ।

୬ । ଦେଶରେ ଦ୍ରବ୍ୟ ଆମଦାନି ଓ ରପ୍ତାନିର ଜଳ ବା ସ୍ଥଳ ପଥରେ କେଉଁ ଉପାୟ ଅଛି ଓ ଜିଲ୍ଲା ମଧ୍ୟରେ କ୍ଷେତ୍ରରେ ପାଣି ଯୋଗାଇବାର କି ଉପାୟ ଅଛି ? ଓ ଲୋକେ ତାହା କିପରି ବ୍ୟବହାର କରନ୍ତି ?

୭ । ଇରିଗେସନ କର୍ମ କିପରି ଚଳୁଅଛି ।

୮ । ଦୁର୍ଭିକ୍ଷ ନିବାରଣ ନିମନ୍ତେ ପୂର୍ବରୁ କି ଉପାୟ ହୋଇଥିଲା ?

(କ) ଦେଶୀୟ ଲୋକେ କି ଉପାୟ କରିଥିଲେ ?

(ଖ) ସରକାରୀ କର୍ମକାରମାନେ ଓ ଅପରାନ୍ନବାସୀମାନେ କି ଉପାୟ କରିଥିଲେ ?

(ଗ) ଗବର୍ଣ୍ଣମେଣ୍ଟ କି ଉପାୟ କରିଥିଲେ ?

୯ । ଜମିଦାର ଓ ଅପରନ୍ନବାସୀମାନେ କିରୂପ ସାହାଯ୍ୟ ବିତରଣ କରିଥିଲେ ।

୧୦ । ଜିଲ୍ଲାରେ ଓ ଅପର ସ୍ଥାନରୁ କି ପରିମାଣରେ ଚାନ୍ଦା ଆଦାୟ ହୋଇଥିଲା ?

୧୧ । ସାଧାରଣ ଦୁର୍ଭିକ୍ଷ ନିବାରଣ କୋଷରୁ କେତେ ଟଙ୍କା ବ୍ୟୟ ହୋଇଅଛି ?

୧୨ । ସ୍ଥାନୀୟ ଚାନ୍ଦାରୁ କେତେ ଟଙ୍କା ଖରଚ ଜିଲ୍ଲାରେ ହୋଇଅଛି ।

୧୩ । ରାଜକୋଷରୁ କେତେ ଟଙ୍କା ବାରିକ ମାଷ୍ଟର ଇଲାକାରେ ଜିଲ୍ଲାରେ ଖରଚ ହୋଇଅଛି ?

୧୪ । ଗବର୍ଣ୍ଣମେଣ୍ଟ କେତେ ଚାଉଳ ଆମଦାନି କରିଥିଲେ ।

Digitized by srujanika@gmail.com

Split by PDF Splitter



(କ) ତନ୍ମଧ୍ୟରୁ ବଜାର ଦରରେ ଅଥବା କଣା ଦରରେ ସାଧାରଣଙ୍କୁ କେତେ ବିକ୍ରି କଲେ ।

(ଖ) ଅଳ୍ପ ଦରରେ ସାହାଯ୍ୟ କମିଟୀକୁ କେତେ ବିକ୍ରି କରିବାକୁ ଦେଲେ ?

(ଗ) କେତେ ଦାନ ହୋଇଅଛୁ ।

୧୫ । ସାହାଯ୍ୟ କମିଟୀର ସ୍ଥାପନ ବିବରଣ

୧୬ । କପଣ ସାହାଯ୍ୟ ଦେବାର ରୀତି ଅନୁସରଣ କରା ହୋଇଥିଲା ।

୧୭ । ସ୍ୱଳ୍ପ ପରିଶ୍ରମ ଓ ବିନା ପରିଶ୍ରମ ମେ କେତେ ମନୁଷ୍ୟ ପ୍ରତି ସପ୍ତାହରେ ସାହାଯ୍ୟପ୍ରାପ୍ତ ହୋଇଥିଲେ ।

୧୮ । କାର୍ଯ୍ୟର ବିବରଣ ।

୧୯ । ପୀଡ଼ିତ ବ୍ୟକ୍ତିଙ୍କ ଚିକିତ୍ସା ଓ ପୀଡ଼ା ନିବାରଣ ଉପାୟ କି କରା ହୋଇଥିଲା।

୨୦ । ସଦର ଓ ଅନ୍ନଛତ୍ରରେ ମୃତ୍ୟୁ ସଂଖ୍ୟା କେତେ ?

(କ) ମଫସଲରେ କେତେ ମରିଅଛନ୍ତି ।

(ଖ) ଅନ୍ନାଭାବରେ ମରିବା ସଂଖ୍ୟା କେତେ ?

(ଗ) ରୋଗରେ ମରିବା କେତେ ?

୨୧ । କେଉଁ କେଉଁ ବ୍ୟବସାୟୀ ଲୋକେ ଦୁର୍ଭିକ୍ଷରେ ପୀଡ଼ିତ ହୋଇଥିଲେ ଓ କି ବିଶିଷ୍ଟ କାରଣରେ ପ୍ରତ୍ୟେକ ବ୍ୟବସାୟୀମାନେ ଦୁର୍ଭିକ୍ଷଗ୍ରସ୍ତ ହେଲେ ।

୨୨ । ଦୁର୍ଭିକ୍ଷ ନିବାରଣ ନିମନ୍ତେ ସାମୟିକ ଉପଯୋଗୀ ଓ ପ୍ରଚୁର ଉପାୟ ହୋଇଥିଲା କି ? ଓ କି କି ବିଷୟରେ ସେଥିରେ ତ୍ରୁଟି ହୋଇଥିଲା ।

୨୩ । ସ୍ଥାନୀୟ ବ୍ୟକ୍ତିମାନଙ୍କ ପ୍ରାର୍ଥନାନୁକ୍ରମରେ ସାହାଯ୍ୟ ଦିଆ ହୋଇଥିଲା କି ନା ? ଓ ଅତିରିକ୍ତ ଅର୍ଥ ସହାୟ ସେମାନଙ୍କ ପ୍ରାର୍ଥନାକ୍ରମେ ନିଯ୍ଯା ହୋଇ-ଥିଲେ । ଏଥିରୁ ଆଉ କହୁଁସି ବିଶେଷ ସାହାଯ୍ୟର ଉପାୟ ହୋଇଥାନ୍ତି କି ନା ।

---

ଶ୍ରୀ ବାବୁ ଗୋପାଳଚନ୍ଦ୍ରହାଲଦାର କର୍ତ୍ତୃକ ଇଂରେଜି ଭାଷାରେ ରଚିତ କଟକ ଦୁର୍ଭିକ୍ଷ ନାମକ ପୁସ୍ତକ—ଦୁର୍ଭିକ୍ଷ ବିଷୟରେ ପୁସ୍ତକ ରଚନା କରିବାର କି ସାର୍ଥକତା ଅଛି ? ନା, ତାହା ପାଠକଲେ ଦୁର୍ଭିକ୍ଷର ସମ୍ପୂର୍ଣ୍ଣ ବୃତାନ୍ତ ଜଣାଯିବ । ମାତ୍ର ଏ ପୁସ୍ତକରେ ବହୁତ ଅଭାବ ଦେଖାଗଲା । ଦୁର୍ଭିକ୍ଷ ପୀଡ଼ିତ ଲୋକମାନଙ୍କର

Digitized by srujanika@gmail.com

Split by PDF Splitter



ଦୁରବସ୍ଥା ଯେ ପ୍ରକାର ଏ ପତ୍ରରେ ଦେଖା ଯାଇଅଛି କେବଳ ତାହା ଉତ୍ତମ ରୂପେ ବର୍ଣ୍ଣନା ହୋଇଅଛି । ମାତ୍ର ମଫସଲରେ କେଉଁ କେଉଁ ପଗଣା ଓ ମହଲରେ କେତେକାଳ ଓ କି ପ୍ରକାର ଦୁର୍ଭିକ୍ଷ ପ୍ରତାପ କରିଅଛି ଓ ତଜ୍ଜନ୍ୟ ଯେ କେତେକ ମନୁଷ୍ୟ ଏକାବେଳେ ଉଚ୍ଛନ୍ନ କରିଅଛି ତହିଁର ଲେଶମାତ୍ର ବର୍ଣ୍ଣନା ନାହିଁ । ଏ ବିଷୟ-ମାନ ଜାଣିବାର ସର୍ବସାଧାରଣଙ୍କର ଏପର୍ଯ୍ୟନ୍ତ ଅତିଶୟ ସ୍ପୃହା ଅଛି ଓ ଗବର୍ଣ୍ଣମେଣ୍ଟରୁ ମଧ୍ୟ ଏଥିର ରିପୋର୍ଟ ବାର ବାର ତଲବ ହୋଇଅଛି । ଏ ଅଭାବ ମୋଚନ କରିବାର ଅତି ଆବଶ୍ୟକ ଥିଲା ଦୁର୍ଭିକ୍ଷ ସଙ୍ଗେ ସଙ୍ଗେ ଓଲାଉଠା ଯେ ଏକ ଏକ ଗ୍ରାମକୁ ଲୋକଶୂନ୍ୟ କରିଅଛି ତାହା ମଧ୍ୟ ବିସ୍ତାରିତ ବର୍ଣ୍ଣନା ହୋଇନାହିଁ ।

ସମୁଦାୟ ପୁସ୍ତକ ପାଠ କରିବାରେ ଗ୍ରନ୍ଥକର୍ତ୍ତାଙ୍କର କେତେକ ବିଷୟରେ ଭ୍ରମ ଦେଖାଯାଏ ପ୍ରଥମତଃ ଓଡ଼ିଆମାନଙ୍କୁ ଯେ ସମ୍ଭବତ ଅବୋଧ ସ୍ୱରୂପେ ବର୍ଣ୍ଣନା କରନ୍ତି । ଏ ପ୍ରବାଦ ଯେ ନିତାନ୍ତ ଅମୂଳକ ଓ ଅଯଥାର୍ଥ ତାହା ଏ ପତ୍ରିକାରେ ପୂର୍ବେ ବାହୁଲ୍ୟ ରୂପେ ଲେଖା ଯାଇଅଛି ଗ୍ରନ୍ଥକର୍ତ୍ତାଙ୍କର କାରଣ ଏହି ଯେ ଓଡ଼ିଆ-ମାନେ ବର୍ତ୍ତମାନ କାଳର ପ୍ରୟୋଜନୀୟ ପଦାର୍ଥମାନ ପାଇଲେ ଭବିଷ୍ୟତ କାଳ ପ୍ରତି ଦୃଷ୍ଟି ରଖନ୍ତି ନାହିଁ । ସୁତରାଂ ଦୁର୍ଭିକ୍ଷରେ ଏତାଦୃଶ ଦୁରବସ୍ଥାରେ ପତିତ ହେଲେ ମାତ୍ର ଗ୍ରନ୍ଥକର୍ତ୍ତା ତାଙ୍କର ସ୍ୱଦେଶୀୟ ବଙ୍ଗାଳିଙ୍କୁ ବୋଧ ବିଶିଷ୍ଟ ବୋଲି ସ୍ୱୀକାର କରିବେ ଯେବେ ବଙ୍ଗଦେଶରେ ଅଳ୍ପକାଳ ଓ ଅଳ୍ପ ପରିମାଣରେ ଦୁର୍ଭିକ୍ଷ ହେଲା ମାତ୍ରକେ କି ସକାରଣେ ଯାହାନାବାଦ ଓ ମେଦିନୀପୁର ଇତ୍ୟାଦି ନାନା ସ୍ଥାନର ସହସ୍ର ସହସ୍ର ସଂଖ୍ୟାରେ ବଙ୍ଗାଳି କାଙ୍ଗାଳିମାନେ କଲିକତା ଅନ୍ନଛତ୍ରରେ ପ୍ରବେଶ ହେଲେ । ଏ ଦେଶର ଅଧିକାଂଶ ଲୋକ ପ୍ରତିଦିନ ୫୦/ କି ୫୦/୬ ଆୟ କରନ୍ତି ତାହା ସ୍ୱକୁଟୁମ୍ବ ପୋଷଣ କରିବାକୁ ଅନଷ୍ଟ ଭବିଷ୍ୟତ କାଳ ପ୍ରତି କି ଦୃଷ୍ଟି ରଖିବେ । ଅତଏବ ସେମାନଙ୍କୁ ସ୍ୱାଭାବିକ ଅବୋଧ କୁହାଯାଇ ନପାରେ । ଜଣାଯାଏ ଯେ ସେମାନଙ୍କ ଅବସ୍ଥା ଗ୍ରନ୍ଥକର୍ତ୍ତାଙ୍କର ବୋଧଗମ୍ୟ ହୋଇନାହିଁ ।

ଏ ଦେଶରେ ଶସ୍ୟ ନଥିବାର ବିଷୟ ଗବର୍ଣ୍ଣମେଣ୍ଟରେ ଜଣାଇବାର ଗ୍ରନ୍ଥକର୍ତ୍ତା ସର୍ବସାଧାରଣଙ୍କ ପ୍ରତି ଦୋଷ ଅର୍ପଣ କରନ୍ତି । ମାତ୍ର ଯେ ସ୍ଥଳେ କମିସନର ସାହେବ ଏ ଦେଶରେ ପ୍ରୟୋଜନମତେ ଶସ୍ୟ ଥିବାର ରିପୋର୍ଟ କଲେ ସେ ସ୍ଥଳେ ଏଠା ଲୋକଙ୍କ କଥାରେ ଗବର୍ଣ୍ଣମେଣ୍ଟଙ୍କର କି ସମ୍ପୂର୍ଣ୍ଣ ବିଶ୍ୱାସ ହୁଅନ୍ତା ?

ଦେଶର ପ୍ରକୃତାବସ୍ଥା ଅନ୍ୱେଷଣ କରିବାର ସ୍ଥାନୀୟ ହାକିମଙ୍କର କର୍ତ୍ତବ୍ୟ । ତାହା ନକରି ଶସ୍ୟ ଥିବାର ଜନରବ କଲେ ଅତଏବ ଯଥାର୍ଥ ଦୋଷୀ ହାକିମ-ମାନେ ଅଟନ୍ତି ।

Digitized by srujanika@gmail.com

ଗ୍ରନ୍ଥକର୍ତ୍ତା ଲେଖନ୍ତି ଯେ ଏଠାରେ ଅଳ୍ପ ବଙ୍ଗାଳି ଜମିଦାର ଅଛନ୍ତି ସେମାନଙ୍କର ଆୟ ଅତ୍ୟଳ୍ପ ଥିଲେ ମଧ୍ୟ ସେମାନେ ଆପଣା ଆପଣା ଆୟାନୁସାରେ ବର୍ଷିଷ୍ଠ ଉଚ୍ଚାରଣରେ ସାହାଯ୍ୟ କରିଅଛନ୍ତି । ମହାନ୍ତ ଭ୍ରମ ବାବୁ ରାମନାଥ ରାଏ ଚଉଧୁରୀ, ବାବୁ ଲକ୍ଷ୍ମୀନାରାୟଣ ଚଉଧୁରୀ, ବାବୁ ଦେବେନ୍ଦ୍ରନାଥ ଠାକୁର ଓ ଅସୁରେଶ୍ୱର ଓ ପଣ୍ଡାମୁଣ୍ଡେଇ ଜମିଦାର ମାନଙ୍କର ଅତ୍ୟଳ୍ପ ଆୟ ? ଏମାନଙ୍କ ମଧ୍ୟରେ କେହି କେହି ଲକ୍ଷପତି ଅଟନ୍ତି ଓ ଏମାନେ ଆପଣା ଆପଣା ଶକ୍ତି ଅନୁସାରେ କଦାପି ସାହାଯ୍ୟ କରିନାହାନ୍ତି ।

ଗ୍ରନ୍ଥକର୍ତ୍ତା ଜଣେ ଏନ୍ତ୍ରସ୍ତା ଜମିଦାରଙ୍କ ଅପ୍ରଶସ୍ତ ନିନ୍ଦା କରିଅଛନ୍ତି । ସେ ଯାହାଙ୍କୁ ଉଲ୍ଲେଖ କରି ଲେଖିଅଛନ୍ତି ତାହା ତାଙ୍କ ଲେଖାରୁ ଜଣାଯାଏ ମାତ୍ର ସେ ଏତାଦୃଶ ନିନ୍ଦା ଓ ଅପବାଦର ଉପଯୁକ୍ତ ନୁହନ୍ତି ।

ସାହାଯ୍ୟ କମେଟୀଙ୍କର ହସପାତାଲସ୍ଥ ଅନ୍ନଛତ୍ରରେ କୌଣସି ଦିନ ପନ୍ଦର ସଅକଙ୍କାଳୀରୁ ଅଧିକ ଲୋକ ଅନ୍ନଭୋଜନ କରିଥିବାର ଦେଖା ଯାଇନାହିଁ କିମ୍ବା ଦାନାଦ୍ଧ ହାରିହାର ଲୋକ ସଂଖ୍ୟା ତହିଁରୁ ଅଧିକ କୌଣସି କାଗଜାତ କି ସ୍ଥାନରେ ପାଯ୍ୟା ଯାଏନାହିଁ ମାତ୍ର ଗ୍ରନ୍ଥକର୍ତ୍ତା ଲେଖନ୍ତି ଯେ ସେଠାରେ ହାରିହାର ଦନାଦ୍ଧ ତିନ ସହସ୍ର ଲୋକ ଭୋଜନ କରନ୍ତି । କି ବାହୁଲ୍ୟ ବର୍ଣ୍ଣନା ।

ବୈତରଣୀ ନଦୀର ଝର ସ୍ଥାନ ନିମନ୍ତେ ଗ୍ରନ୍ଥକର୍ତ୍ତା ରାମଗଡ ପର୍ବତ ପର୍ଯ୍ୟନ୍ତ ଭ୍ରମଣ କରିଅଛନ୍ତି ମାତ୍ର କେଉଁଝର ପର୍ଯ୍ୟନ୍ତ ଯାଇଥିଲେ ପ୍ରସ୍ରବଣ ସ୍ଥାନ ପାଇଥାନ୍ତେ ।

କଟକ ସାହାଯ୍ୟ କମେଟୀର ସଭାପତି କମିସ୍ନର ସାହେବ ନୁହନ୍ତି । କଲେକ୍ଟର ସାହେବ ସଭାପତି ଅଟନ୍ତି ।

---

## ବିଖ୍ୟାତ କବି ଉପେନ୍ଦ୍ର ଭଞ୍ଜକୃତ
## ପ୍ରେମସୁଧାନିଧି

ବହୁ ପରିଶ୍ରମରେ ସଂଶୋଧିତ ଓ କଠିନ ଶବ୍ଦମାନଙ୍କର ଅର୍ଥ ସହିତ ମୁଦ୍ରିତ ହୋଇଅଛି । ଚଳିତ ମାସ ତା ୧୫ରିଖ ପର୍ଯ୍ୟନ୍ତ ବିକ୍ରୟାର୍ଥେ ପ୍ରସ୍ତୁତହେବ । ମୂଲ୍ୟ ସାମାନ୍ୟ ବନ୍ଧାଇ ଖଣ୍ଡିକୁ ୫୦୫/ ଡାକଦଉଡୀ ସହିତ ୧ଖଣ୍ଡିକୁ ୫୦୫ ମୋଟ ଖରିଦଦାର ମାନେ ୫୦ଖଣ୍ଡିରୁ ଅଧିକ ନେଲେ ଶତକଡ଼ା ୫ଟଙ୍କା ଓ ୧୦୦ଖଣ୍ଡିରୁ ଅଧିକ ନେଲେ ଶତକଡ଼ା ୫ ୧୦ଟଙ୍କା ହିସାବେ ବଟାପାଇବେ ।

ଯେହେତୁ ଏ ପୁସ୍ତକ ଅଳ୍ପପରିମାଣରେ ମୁଦ୍ରିତ ହୋଇଅଛି ଗ୍ରହଣାକାଂକ୍ଷୀମାନେ ଶୀଘ୍ର ସମ୍ବାଦ ନ ପଠାଲେ ପାଇ ପାରିବେ ନାହିଁ ।

---

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା



| | | |
|---|---|---|
| ୧ ଭାଗ<br>୧୯ ସଂଖ୍ୟା | ତା୧୫ରିଖ ମାହେ ଡିସେମ୍ବର<br>ସନ ୧୮୬୬ ମସିହା । ମୂ ।<br>୨ଦିନ ପୌଷ ସନ<br>୧୨୭୪ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ୫୲<br>ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୬୲<br>ମଫସଲ ଗ୍ରାହକ ମାନଙ୍କୁ<br>ମୂଲ୍ୟ ଛଡ଼ା ଡାକମାସୁଲ<br>୧ ବର୍ଷକୁ ୫ ଣ । |



### ଚିରସ୍ଥାୟୀ ବନ୍ଦୋବସ୍ତର ବାଧ—

ଆମ୍ଭେମାନେ ଏଥିପୂର୍ବ ପାଠକମାନଙ୍କୁ ଜଣାଇଅଛୁ ଯେ ଓଡ଼ିଶାର ଚିରସ୍ଥାୟୀ ବନ୍ଦୋବସ୍ତ ହେବା ନିମନ୍ତେ ଶ୍ରୀଯୁକ୍ତ ଲେପ୍‌ଟେନେଣ୍ଟ ଗବର୍ଣ୍ଣର ସାହେବ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଅଛନ୍ତି ଓ ସେକ୍ରେଟରୀ ଅବଷ୍ଟେଟଙ୍କ ଲେଖିତ ପତ୍ରର ସର୍ତ୍ତ ମୁତାବକ ଉକ୍ତ ବନ୍ଦୋବସ୍ତ ହେବାର ପ୍ରସ୍ତାବ କରିଅଛନ୍ତି ଉକ୍ତ ସର୍ତ୍ତମାନ କିଅଟଇ ତାହା ଅନେକଲୋକଙ୍କ ଅଗୋଚର ଥିବ ଏ କାରଣ ଆମ୍ଭେମାନେ ତହିଁର ସାରାଂଶ ଏଠାରେ ଲେଖିବାକୁ ପ୍ରବୃତ୍ତି ହେଲୁଁ ।

ଭାରତବର୍ଷରେ ଚିରସ୍ଥାୟୀ ବନ୍ଦୋବସ୍ତ ହେବ କି ନାହିଁ ଏକଥା ବିଚାର କରିବାର ଆବଶ୍ୟକ ନାହିଁ । ସେକ୍ରେଟରୀ ଅବ୍ ଷ୍ଟେଟ ସନ ୧୮୬୨ ମସିହାରୁ ଉକ୍ତ ବିଷୟ ନିଶ୍ଚୟ କରିଅଛନ୍ତି ଅର୍ଥାତ ସେ ସମୟରୁ ଉକ୍ତ ମହାଶୟ ଇଣ୍ଡିଆ ଗବର୍ଣ୍ଣମେଣ୍ଟକୁ ଲେଖିଅଛନ୍ତି ଯେ ବ୍ରିଟନିୟଙ୍କ ଅଧିକାରସ୍ଥ ସମସ୍ତ ଦେଶରେ କ୍ରମଶଃ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରଚଳ ହେବାମାତ୍ର କେଉଁ ନିୟମରେ ଓ କେତେବେଳେ ତାହାପ୍ରଚଳ ହେବ କିଛି ନିଶ୍ଚୟ ହୋଇନଥିଲା । ଏଥି ମଧ୍ୟରେ ଉତ୍ତର ପଶ୍ଚିମ ଦେଶର ବନ୍ଦୋବସ୍ତ ମିଆଦ ଶେଷ ହେବାରୁ ସେଠାରେ ଚିରସ୍ଥାୟୀ ବନ୍ଦୋବସ୍ତ ହେବା ଉଚିତ କିନା ଏ ବିଷୟରେ ବିଲାତର ଚିଠି ଯିବାରେ ସେକ୍ରେଟରୀ ଅବ ଷ୍ଟେଟ ଯେଉଁ ପ୍ରତ୍ୟୁତ୍ତର ପଠାଇ ଅଛନ୍ତି ସେଥିରେ ସମସ୍ତ କଥା ନିସନ୍ଦେହ ରୂପେ ମିମାଂସା ହୋଇଅଛି । ସେକ୍ରେଟରୀ ଅବ ଷ୍ଟେଟ ସନ ୧୮୬୫ ମସିହା ତା ୨୪ରିଖ ମାର୍ଚ୍ଚର ପତ୍ରରେ

Digitized by srujanika@gmail.com

Split by PDF Splitter



ଲେଖନ୍ତି ଯେ ସମସ୍ତ ଜିଲ୍ଲାମାନ ତଳ ଲେଖିତ ତିନି ଶ୍ରେଣୀ ମଧ୍ୟରୁ ଏକ ଶ୍ରେଣୀରେ ଆସିପାରେ ଯଥା—

ପ୍ରଥମ—ଯେଉଁ ଜିଲ୍ଲାମାନଙ୍କରେ କୃଷି କର୍ମ ଅଳ୍ପ ହୋଇ ଅଛି ଲୋକ ସଂଖ୍ୟା ଅଳ୍ପ ଏବଂ ଭୂମିରୁ ସମ୍ପୂର୍ଣ୍ଣକର ଆଦାୟ ହୁଅଇ ନାହିଁ।

ଦ୍ୱିତୀୟ—ଯେ ସମସ୍ତ ଜିଲ୍ଲାରେ ମାହାଲମାନ ଏ ରୂପ ଆବାଦ ହୋଇ ଅଛି ଓ ତହିଁର ଉତ୍ପନ୍ନ ଏ ରୂପ ଅବସ୍ଥାକୁ ପ୍ରାପ୍ତ ହୋଇଅଛି ଯେ ସେଠାରେ ଚିରସ୍ଥାୟୀ ବନ୍ଦୋବସ୍ତ ଏକାବେଳେ ପ୍ରଚଳ କରିବାର କାରଣ ହୋଇଅଛି।

ତୃତୀୟ—ଯେ ସମସ୍ତ ଜିଲ୍ଲାରେ ଅନେକ ମାହାଲ ଏରୂପ ଅବସ୍ଥାକୁ ପ୍ରାପ୍ତ ହୋଇଅଛି ଯେ ସେଠାରେ ଚିରସ୍ଥାୟୀ ବନ୍ଦୋବସ୍ତ ଚଳିପାରେ ମାତ୍ର ଅନେକ ଏ ରୂପ ମାହାଲ ଅଛି ଯେ ତାହାର ଉତ୍ପନ୍ନ ପ୍ରକୃତ ପରିମାଣରେ ହୋଇ ନାହିଁ ଓ ସୁତରାଂ ସେଥିର ବର୍ତ୍ତମାନ ଉପଯନ୍ତ୍ର ଦୃଷ୍ଟିରେ ଚିରସ୍ଥାୟୀ ବନ୍ଦୋବସ୍ତ ହୋଇ ନପାରେ ଓ ହେଲେ ଉତ୍ତର କାଳକୁ ସରକାରର ଲୋକସାନ ହେବ।

ଏଥିରୁ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଜିଲ୍ଲା ପକ୍ଷରେ କୌଣସି ସନ୍ଦେହ ନାହିଁ ପ୍ରଥମ ଶ୍ରେଣୀର ଚିରସ୍ଥାୟୀ ବନ୍ଦୋବସ୍ତ ହେବ ନାହିଁ ଓ ଦ୍ୱିତୀୟ ଶ୍ରେଣୀରେ ତାହା ତତ୍କ୍ଷଣାତ୍ ପ୍ରଚଳ ହେବ। ମାତ୍ର ତୃତୀୟ ଶ୍ରେଣୀ ପକ୍ଷରେ ଅନେକ ସନ୍ଦେହ ଜାତ ହେଉଅଛି। ଏ ବିଷୟରେ ଗବର୍ଣ୍ଣର ଜେନରଲ ସାହେବ ପ୍ରଥମେ ଲେଖିଥିଲେ ଯେ ଯେଉଁ ମାହାଲମାନ ଉପଯୁକ୍ତ ହୋଇଥାଏ ସେଥିରେ ଚିରସ୍ଥାୟୀ ହେବ ଓ ଅନୁପଯୁକ୍ତ ମାହାଲ ପକ୍ଷରେ ଦୁଇଜମା ଧାର୍ଯ୍ୟ ହେବ। ଅର୍ଥାତ୍ ବର୍ତ୍ତମାନ ଉତ୍ପନ୍ନ ଅନୁସାର ଏକ ଜମା ଓ କୃଷି ଯୋଗ୍ୟ ପଡ଼ିଆ ଜମି ଆବାଦ ହେଲେ ଆଗକୁ ମାହାଲର ଯେ ଉତ୍ପନ୍ନ ହେବ ତହିଁର ଆଗାମୀ ଆନୁମାନିକ ଜମା। ପ୍ରଥମ ଜମାରେ ୩୦ ବର୍ଷ ମିଆଦରେ ଜମିଦାର ସଙ୍ଗେ ବନ୍ଦୋବସ୍ତ କରାଯାଇ ତାଙ୍କୁ ବୁଝାଇ ଦିଆଯିବ ଯେ ଯେତେବେଳେ ଆନୁମାନିକ ଜମା ଦେବାକୁ ସେ ସ୍ୱୀକାର କରିବ ଅଥବା ମିଆଦ ଶେଷରେ ମାହାଲର ହାନି ତଦାରକ କରି ଉକ୍ତ ଜମାରେ ଚିରସ୍ଥାୟୀ ବନ୍ଦୋବସ୍ତ ହେବ। ଏଥିରେ ଅନ୍ୟ ହାକିମଙ୍କ ସ୍ପଷ୍ଟ ଅନୈକ୍ୟ ହେବାରୁ ସେକଥା ସ୍ଥିର ନ ହେଲା। ପରିଶେଷରେ ସେକ୍ରେଟରି ଅବ୍ ଷ୍ଟେଟ ଏହି ବିଧାନ କରିଅଛନ୍ତି ଯେ ଗତ କାଳରେ ଗବର୍ଣ୍ଣମେଣ୍ଟ କେଉଁ ମାର୍ଗ ଅବଲମ୍ବନ କରିବେ ତାହା ବର୍ତ୍ତମାନ ନିଶ୍ଚୟ କରି ଅବଧେୟ। ଶ୍ରୀମତୀ ମହାରାଣୀଙ୍କ ସରକାରରୁ ଏହି ଆଦେଶ ହେଉଅଛି ଯେ

Digitized by srujanika@gmail.com

Split by PDF Splitter



ସେଉଁଠାରେ ଆବାଦ ଯୋଗ୍ୟ ଜମି ମଧ୍ୟରୁ ଶତକଡ଼ା ୮୦ ଭାଗ ବର୍ତ୍ତମାନ ବାସ୍ତବରେ ଆବାଦ ହୋଇଅଛି । ସେ ମାହାଲର ଏକାବେଳେ ଚିରସ୍ଥାୟୀ ବନ୍ଦୋବସ୍ତ ହେବ । ଏସମସ୍ତ ଅବସ୍ଥାରେ ଉପସତ୍ତ୍ୱଉପରେ ଶତକଡ଼ା ଟ ୫୦ ଙ୍କା ହାରରେ ସରକାରର ପାଉଣା ଦୃଢ଼ ରୂପେ ସ୍ଥିର କରିବାକୁ ହେବନାହିଁ । ଅବସ୍ଥା ମତେ ଟ ୬୦ ଙ୍କା ମଧ୍ୟ ହୋଇପାରେ । ( ଅର୍ଥାତ ଜମିଦାରର ମାଲିକାନା ବିବେଚନା ମତେ ଟ ୪୦ ଙ୍କା ଠାରୁ ଟ ୫୦ ଙ୍କା ପର୍ଯ୍ୟନ୍ତ ହୋଇପାରିବ ) ଓ ଚିରକାଳ ସକାଶେ ଜମା ସ୍ଥିର ହେଲବୋଲି ଜମିଦାରମାନେ ସନ୍ତୋଷ ପୂର୍ବକ ଏ ନିୟମରେ କବୁଲିୟତ କରିବାକୁ ସମ୍ମତ ହେବେ । ଅନ୍ୟ ମାହାଲମାନ ଚ ଚିରସ୍ଥାୟୀ ବନ୍ଦୋବସ୍ତର ଯୋଗ୍ୟ ହୋଇ ନାହିଁ । ସେ ସମସ୍ତ ତିରିଶ ବର୍ଷ ସକାଶେ ମିଆଦ ବନ୍ଦୋବସ୍ତ ହେବ ଓ ଉତ୍ତର କାଳକୁ ସେଥି ପକ୍ଷରେ କି କର୍ତ୍ତବ୍ୟ ତହିଁର କଳ୍ପିତ ମାତ୍ର ଆଶା ଭରସା ସେଥିର ଜମିଦାର ମାନଙ୍କୁ ଦିଆଯିବ ନାହିଁ । ବିବେଚନାମତେ ପନ୍ଦର କି କୋଡ଼ିଏ ବର୍ଷ ମିଆଦରେ ବନ୍ଦୋବସ୍ତ କରିବାରେ ବାଧାନାହିଁ । କାରଣ ସମ୍ଭବ ହୁଅଇ ଯେ ଅନେକ ମାହାଲ ଏ ସମୟ ମଧ୍ୟରେ ଚିରସ୍ଥାୟୀ ବନ୍ଦୋବସ୍ତର ଯୋଗ୍ୟ ହୋଇ ପାରିବ । ଚିରସ୍ଥାୟୀ ବନ୍ଦୋବସ୍ତ ହେଲକୁ ମୁ-କାନର ଆଉ କୌଣସି ବାଧା ନରେବ ହେବ ନାହିଁ । ମାତ୍ର ସେକ୍ରେଟେରି ଅବଷ୍ଟେଟ ଆଜ୍ଞା କରି ଅଛନ୍ତି ଯେ କୌଣସି ଧାତୁର ଖଣି ବାହାରି ଜମିଦାରୀରେ ବାହାରିଲେ ତହିଁରୁ ପୃଥକ କର ପାଇବାର ଅଧିକାରୀ ହେବେ ଓ ଏ ବିଷୟର ସ୍ପଷ୍ଟ ସର୍ତ୍ତ ଜମିଦାରଙ୍କ କବୁଲିୟତରେ ଲେଖାଯିବ ।

ଅତଏବ ପ୍ରକାଶ ଯେ ଚିରସ୍ଥାୟୀ ବନ୍ଦୋବସ୍ତ ପକ୍ଷରେ ସରକାରର ଆପତ୍ତି ନାହିଁ । କେବଳ ଉତ୍ତମ ରୂପେ ଆବାଦ ନ ହୋଇଥିବା ମାହାଲରେ ତାହା ପ୍ରଚଳ ହେବନାହିଁ । ଓଡ଼ିଶାରେ ଯେ ଚିରସ୍ଥାୟୀ ବନ୍ଦୋବସ୍ତର ପ୍ରସ୍ତାବ ହେଉଅଛି ତାହା ଏବେ ନିୟମମାତ୍ରମାତ୍ର ହେବ ଓ ସବ ମାହାଲ ତଦ୍ରୂପ ଅବସ୍ଥାକୁ ପ୍ରାପ୍ତ ହୋଇଅଛି କି ନାହିଁ ଏହି ତଦନ୍ତ ଆବଶ୍ୟକ ରହଇ । ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ କଟକ ବିବରଣ ଅର୍ଥାତ୍ କଟକ, ପୁରୀ, ବାଲେଶ୍ୱର ତିନି ଜିଲାରେ ସର୍ବସୁଦ୍ଧା ୨୭୦୦୦୦୦ ମାଣ ଜମି ଅଛି ଏଥି ମଧ୍ୟରୁ ୧୫୦୦୦୦୦ ମାଣ ଆବାଦ ହୋଇଅଛି ୧୫୦୦୦୦୦ ମାଣ ଆବାଦ ଯୋଗ୍ୟ ଅଛି ବାକି ୧୨୦୦୦୦୦ ମାଣ ପଡ଼ିଆ ଏ ରୂପେ ଆବାଦ ଯୋଗ୍ୟ ୧୬୫୦୦୦୦ ମାଣ ଜମି ମଧ୍ୟରୁ ୧୫୦୦୦୦୦ ମାଣ ଆବାଦ ହେଉ ଥିବାରୁ ସେକ୍ରେଟେରି ଅବଷ୍ଟେଟଙ୍କ ନିର୍ଦ୍ଦିଷ୍ଟ ନିୟମାନୁସାର ଶତକଡ଼ା ୮୦ ମାଣରୁ ଅଧିକ ଏ ଦେଶର ଜମି ଆବାଦ ହୋଇଅଛି । ଅତଏବ ଏ ପ୍ରକାର ବିବେଚନାରେ ମଧ୍ୟ ଓଡ଼ିଶାର ଚିରସ୍ଥାୟୀ ବନ୍ଦୋବସ୍ତ ହେବାର ଯୋଗ୍ୟ ଅଛି ଓ ଯେ ସ୍ଥଳେ ଶ୍ରୀଯୁକ୍ତ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ୫୦ ଟଙ୍କା ଲେଖାଏଁ ମାଲିକାନା ଦେବାର ଉଲ୍ଲେଖ କରି

Digitized by srujanika@gmail.com

Split by PDF Splitter



ଅଛନ୍ତି ତେତେବେଳେ ସେ କଥାର ଅନ୍ୟ ବର୍ଗର ଅପେକ୍ଷା ଗୁରୁତ ହୋଇଅଛି । ବୋଧ ହୁଅଇ ଯେ କୃଷିଯୋଗ୍ୟ ଜମି ଉପରେ ସମ୍ପୂର୍ଣ୍ଣ କର ବସାଇ ବର୍ତ୍ତମାନ ଓଡ଼ିଶାର ସମସ୍ତ ମହାଲ ଚିରସ୍ଥାୟୀ ବନ୍ଦୋବସ୍ତ କଲେ ସରକାରର କିଛି କ୍ଷତି ହେବନାହିଁ ମଧ୍ୟ ଜମିଦାରଙ୍କ ଆପତ୍ତି ହୋଇ ନପାରେ ।

ଏକ ଏକ ମହାଲ ଏ ରୂପ ଅଛି ଯେ ସେଥିର ଜମା ପୂର୍ବ ବନ୍ଦୋବସ୍ତରେ ଅତ୍ୟନ୍ତ ଉଚ୍ଚ ହୋଇଥିଲା ଅଥବା ନଦୀର ଦୌରାତ୍ମ୍ୟରେ ଅନେକ ଜମି ବାଲୁକାମୟ ଅଥବା କ୍ଷୟପ୍ରାପ୍ତ ହୋଇଅଛି । ମାତ୍ର ଏ ରୂପ ମହାଲର ସଂଖ୍ୟା ଅତି ଅଳ୍ପ ଓ ସେଥିରେ ଜମିଦାରମାନେ ପ୍ରାର୍ଥନା କଲେ ବୋଧ ହୁଅଇ ସେ ସମସ୍ତ ମହାଲର ଅବସ୍ଥା ତଦନ୍ତ ହୋଇ ଉଚିତ ଜମା ଧାର୍ଯ୍ୟ ହୋଇ ପାରିବ ।

---

ଆମ୍ଭ ଦେଶର ଶାସନ ପ୍ରଣାଳୀ ସଫଳ ନହେବାର କାରଣ କି ? ଭାରତବର୍ଷରେ ଅନେକାନେକ ହିନ୍ଦୁ ଓ ଯବନ ରାଜାମାନେ ଶାସନ କରିଥିଲେ ମାତ୍ର କେହି ଆମ୍ଭର ବର୍ତ୍ତମାନ ଶାସନକର୍ତ୍ତାଙ୍କ ପରି ଏତେ ନିୟମ ପ୍ରଚଳ କରି ନଥିଲେ କିମ୍ବା ଶାସନ କର୍ମ ସୁବିଧା ରୂପେ ଚଳିବା ସକାଶେ ଏତେ କର୍ମଗୃହ ରଖି ନଥିଲେ ଏ ଦେଶ ସମ୍ପର୍କୀୟ ବିଷୟମାନ ବୁଝିବା ସକାଶେ ମହାରାଣୀଙ୍କ ନିକଟ ଏକ ସ୍ୱତନ୍ତ୍ର ମନ୍ତ୍ରୀ ଅଛନ୍ତି ଓ ତାଙ୍କ ସାହାଯ୍ୟ କରଣାର୍ଥେ ଏ ଦେଶ ବିଷୟଜ୍ଞ ଅନେକ ମହାତ୍ମା ନିଯୁକ୍ତ ଅଛନ୍ତି । ଏ ଦେଶରେ ପ୍ରଧାନ କର୍ମଗୃହ ଗବର୍ଣ୍ଣର ଜେନରଲ ସାହେବ ତାଙ୍କ ତଳେ ଭିନ୍ନ ଭିନ୍ନ ଦେଶ ଶାସନ କରିବା ସକାଶେ ଗବର୍ଣ୍ଣର ଓ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ନାମରେ ଭିନ୍ନ ଭିନ୍ନ ମହାତ୍ମା ନିଯୁକ୍ତ ଅଛନ୍ତି । ବଙ୍ଗଳା ବିହାର ଶାସନକର୍ତ୍ତା ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ନାମରେ ବିଖ୍ୟାତ ଓ ତାଙ୍କ ତଳେ ଭିନ୍ନ ଭିନ୍ନ ଇଲାକାର କର୍ମ ବୁଝିବା ସକାଶେ ସେକ୍ରେଟରୀ ନାମରେ ଭିନ୍ନ ଭିନ୍ନ ସିରସ୍ତାଦାର ଅଛନ୍ତି । ପୁଲିସ ଜେଲ ରେଜେଷ୍ଟ୍ରର ଡାକ ଇତ୍ୟାଦି ଏକ ଏକ ଇଲାକାରେ ଏକ ଏକ ସରଦାର ଦୁଇ ତିନି ଜିଲା ଉପରେ ଏକ ଏକ କମିସ୍ନର ଓ ଜଜ ପ୍ରତ୍ୟେକ ଜିଲାରେ ଏକ ଏକ କଲେକ୍ଟର ମାଜିଷ୍ଟ୍ରେଟ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଓ ରେଜଷ୍ଟ୍ରର ଓ ତାଙ୍କ ତଳେ ଅନେକାନେକ ହାକିମ ଅମଲା କେରାଣି ଇତ୍ୟାଦି ନିଯୁକ୍ତ ଅଛନ୍ତି ।

ଆଇନ କରିବା ସକାଶେ ଭିନ୍ନ ଭିନ୍ନ ସଭା ଅଛି । ମଫସଲରେ ଶାନ୍ତିରକ୍ଷା ସକାଶେ ଚଉକିଦାର କନେଷ୍ଟବଲ, ହେଡ଼କନେଷ୍ଟବଲ, ସବ୍‌ଇନସ୍‌ପେକ୍‌ଟର ଓ ଇନସ୍‌ପେକ୍‌ଟର ଇତ୍ୟାଦି କରି ଏକର ପଛେ ଏକ ଲାଗି ରହିଅଛନ୍ତି । ସରକାର ଆମ୍ଭମାନଙ୍କ ସୁଖ ସ୍ୱଚ୍ଛନ୍ଦତା ହେତୁ ଏତେ ଏତେ କର୍ମଗୃହ ରଖିଅଛନ୍ତି । କେତେ

Digitized by srujanika@gmail.com

Split by PDF Splitter



କେତେ ନୂତନ ନୂତନ ଆଇନ କରି ଅଛନ୍ତି ତଥାପି କି ନିମନ୍ତେ ସରକାର ବାଞ୍ଛା ପରିପୂର୍ଣ୍ଣ ହେଉନାହିଁ । ଲୋକମାନେ ସୁଖରେ ରହୁନାହାନ୍ତି । ଆଜି ଜଳକରମାନେ କାଲି ଗୃହାକରମାନେ ଦୌରାତ୍ମ୍ୟ କରୁଅଛନ୍ତି । କି ନିମନ୍ତେ ଚୋରୀ ଡକାଇତି ଓ ପ୍ରବଞ୍ଚନା ଦିନ ଦିନ ବଢୁଅଛି ମଫସଲରେ କି ନିମନ୍ତେ ଅନେକ କନେଷ୍ଟବଲ ଇତ୍ୟାଦି ଆପଣାମାନଙ୍କୁ ସରକାର ବାହାଦୂର ପୋଷ୍ୟପୁତ୍ର ତୁଲ୍ୟ ଜ୍ଞାନ କରି ଅତ୍ୟନ୍ତ ଅତ୍ୟାଚାର ଓ ଜଘନ୍ୟ କର୍ମ କରିବାର ଶୁଣାଯାଏ କି ନିମନ୍ତେ ଅନେକ ସ୍ଥାନରେ ଅମଲାମାନେ ମକଦ୍ଦମାକାରୀ ମାନଙ୍କ ସଙ୍ଗେ ଚୋର ପରି ବ୍ୟବହାର କରନ୍ତି ଆଉ ଅଧିକ କି କହିବା କି ନିମନ୍ତେ ଅତି କ୍ଷୁଦ୍ର ଖାସ ଡାକ ବାହକମାନେ କୌଣସି କୌଣସିଠାରେ ପଥିକମାନଙ୍କ ଉପରେ ପଡ଼ି ଡାକ ଦିବାରେ ବାଧା ହେବାର ଉପଲକ୍ଷେ କିଛି କିଛି ରୋଜଗାର କରିବାରେ ଛାଡ଼ନ୍ତି ନାହିଁ ଏହାର କାରଣ କି ? କଥିତ ଅଛି ଯେ କୌଣସି ସମୟରେ ଥରେ ଏକ ପର୍ବତରେ ପ୍ରସବ ବେଦନା ଉଠିଲା । ଲୋକମାନେ ଅନେକ ଦୂରରୁ ଆସି ଜମା ହେଲେ । ସମସ୍ତେ ମନେକଲେ ଯେ ଅବଶ୍ୟ କିଛି ବୃହଦାକାର ବସ୍ତୁ ପର୍ବତ ଗର୍ଭରୁ ଉତ୍ପନ୍ନ ହେବ ମାତ୍ର କେତେକ କ୍ଷଣ ପରେ ଏକ ମୂଷିକ ବହିର୍ଗତ ହୋଇ ବହ୍ବାଡ଼ମ୍ବର ଲଘୁକ୍ରିୟା ପ୍ରକାଶ କରିଲା । ସରକାର ଏ ଦେଶ ଶାସନାର୍ଥେ ଯେଉଁ ଆଇନ ଇତ୍ୟାଦି କରିଅଛନ୍ତି ତାହା ମାଙ୍କଡ଼ସା ଜାଲରୁ ସୂକ୍ଷ୍ମତର । ବିଦେଶୀ କେହି ସେସବୁ ଦେଖିଲେ ମନେ କରିବେ ଯେ ଏଥିରେ ଅତ୍ୟାଚାର ଇତ୍ୟାଦି ଅନ୍ୟାୟ କର୍ମ ଚଳିବାର ବାଟ ନାହିଁ ଓ ଏଥି-ଦ୍ୱାରା ଶାସିତ ପ୍ରଜାମାନଙ୍କ ନ୍ୟାୟ ସଂସାରରେ ଆଉ କୌଣସି ଲୋକ ସୁଖୀ ନୁହନ୍ତି । ମାତ୍ର ଦୁଇ ଚାରିଦିନ ଏ ବ୍ୟକ୍ତି ଏ ଦେଶ ମଧ୍ୟରେ ବିଶେଷତ ମଫସଲରେ ଭ୍ରମଣ କରିଲେ ତାଙ୍କ ପୂର୍ବ ବିଶ୍ୱାସ ଲୋପ ପାଇବ ସେ ଦେଖିବେ ଯେ ଚୌକିଦାର କନେଷ୍ଟବଲ ଇତ୍ୟାଦି ସରକାରଙ୍କ ଶ୍ରେଷ୍ଠ କର୍ମଚାରୀମାନେ ମଫସଲରେ ରାଜା । ଏମାନେ ସରକାରଙ୍କ ଆଇନକୁ ଆପଣା ମୁଷ୍ଟି ମଧ୍ୟରେ ରଖି ଛଳେ ଆଇନ ପ୍ରଚାର କରି ପ୍ରଜାମାନଙ୍କୁ ଲୌହ ଦଣ୍ଡ ଦ୍ୱାରା ଶାସନ କରନ୍ତି । ଏଥିର କାରଣ କି ? କି ନିମନ୍ତେ ଏତେ ଏତେ ଆଇନ ଇତ୍ୟାଦି ବ୍ୟର୍ଥ ହେଉଅଛି ?

ଆମ୍ଭେ ଜାଣିବାରେ ଏଥିରେ ପ୍ରଜା ଓ ରାଜା ଉଭୟଙ୍କର ଦୋଷ । ଏ ଦେଶର ଲୋକମାନଙ୍କର ତେଜହୀନ ଓ କ୍ଲେଶଭୀତ ଆଚରଣ ଆପଣାମାନଙ୍କ ଦୁଃଖର ପ୍ରଧାନ କାରଣ । ଶତ ଶତ ବର୍ଷ ଅତ୍ୟାଚାର ଭୋଗ କରିଥିବାରୁ ସେମାନଙ୍କର ସହିଷ୍ଣୁତା ଶକ୍ତି ପ୍ରବଳ ହୋଇ ରକ୍ତର ତେଜ ଏକାବେଳକେ ଲୋପ ପାଇଅଛି । ଖ୍ରିଷ୍ଟିୟାନ ଧର୍ମମତାବଲମ୍ବୀଙ୍କ ପ୍ରତି ତାଙ୍କ ଧର୍ମ ପ୍ରବର୍ତ୍ତକଙ୍କର ଉପଦେଶ ଅଛି ଯେ ସେମାନେ ଅତି ନମ୍ର ହେବେ ଓ କେହି ଏକ ଗାଲରେ ଚପେଟାଘାତ କଲେ ତାଙ୍କୁ ଅନ୍ୟ ଗାଲ ଦେଖାଇ ଦେବେ । ବଙ୍ଗର ଲୋକମାନେ ଯଦ୍ୟପି କି ପ୍ରାୟ

Digitized by srujanika@gmail.com

Split by PDF Splitter



ସମସ୍ତେ ଖ୍ରୀଷ୍ଟିୟାନ ମାତ୍ର ତାଙ୍କ ମଧ୍ୟରେ ଉପରୋକ୍ତ ଉପଦେଶ ପ୍ରତିପାଳଣ କରିବାର ଅତି ଅଳ୍ପ ଲୋକଙ୍କୁ ଦେଖାଯାଏ ।

ଅନ୍ୟ ଗାଲ ଦେଖାଇବା ଦୂରରେ ଥାଉ ସେମାନଙ୍କ ସଙ୍ଗେ କଥା କହିବାରେ କେହି ଯଦି କିଛି ତ୍ରୁଟି କରେ ଚପେଟାଘାତରେ ତାହାର ରକ୍ଷା ପାଇବାର କଠିଣ ମାତ୍ର ଆମ୍ଭେମାନେ ଯଦ୍ୟପି ନ ଖ୍ରୀଷ୍ଟିୟାନ ତୋହ୍ମ ଉପରୋକ୍ତ ଉପଦେଶ ପଦେପଦେ ପାଳଣ କରୁଁ । କେହି ହସ୍ତୋତ୍ତୋଳଣ କରିଲେ ତାକୁ ସ୍ୱେଚ୍ଛାରେ ପିଠି ଦେଖାଇ ଦେଉଁ । ଅତଏବ ଦେଶ ମଧ୍ୟରେ ହେଉଥିବା ଅଧେ ଅତ୍ୟାଚାର ହାକିମମାନଙ୍କ କର୍ଣ୍ଣ ଗୋଚର ହୁଏନାହିଁ । ଅନେକ ଲୋକ କଟେଚରୀକୁ ନାଲିଶ କରିବାକୁ ଯାଇ ସେଠାରେ ବେଲେ ଶୁଣାନ୍ତି ଯେ ଅନେକ ଅର୍ଥ ଓ ସମୟ ନଷ୍ଟ ଓ ଲୋକଙ୍କୁ ଖୋସାମଦ କରିବାରେ ସୁଦ୍ଧା କାର୍ଯ୍ୟ ସଫଳ ହେବାର ଦୂରୁହ ସେମାନେ ହତାଶ ହୋଇ ଫେରିଯାନ୍ତି । ଅନେକ ଲୋକ ନାଲିଶ କଲେ ମଧ୍ୟ ଏପରୁ ଯନ୍ତ୍ରଣା ଭୋଗକରି ଏ ବିପକ୍ଷ ଭବିଷ୍ୟତ କାଳରେ ଆହୁରି ଅତ୍ୟାଚାର କରିବ ଏହା ଭୟକରି ଆପଣା ଘରକୁ ପଳାନ୍ତି । ଏଥିରେ ସରକାର କି କରିବେ ଦୋଷିକୁ ନ ଜାଣିଲେ କାହାକୁ ଦଣ୍ଡ ଦେବେ ? ଇଙ୍ଗରେଜ ଏକ ଗ୍ରନ୍ଥକର୍ତ୍ତା ଲେଖି ଅଛନ୍ତି ଯେ ଆଇନ ରକ୍ଷା କରିବା ନିମନ୍ତେ ଯେଉଁମାନଙ୍କର ସାହାସ ଓ ସମ୍ମତି ନାହିଁ ସେମାନଙ୍କ ମଧ୍ୟରେ ଆଇନ ଅକର୍ମଣ୍ୟ ହୁଏ । ଏହା ଯଥାର୍ଥ ଅଟେ ଏ ଦେଶ ନିବାସୀମାନେ ଏଥିର ଦୃଷ୍ଟାନ୍ତ ଆଉ ଏ ଦେଶର ଲୋକମାନଙ୍କ ମଧ୍ୟରେ ଐକ୍ୟ ନାହିଁ । ଏକଜଣକୁ ପ୍ରହାର ହେଉଥିଲେ ଅନ୍ୟମାନେ ଅନାଇ ଥାଆନ୍ତି । ନ୍ୟାସ୍ତ କି ଅନ୍ୟାସ୍ତ ପ୍ରହାର ହେଉଅଛି କି ପ୍ରକାରେ ବିପଦ ପତିତ ବ୍ୟକ୍ତି ଉଦ୍ଧାର ପାଇବ କେହି ବିବେଚନା କରନ୍ତି ନାହିଁ । ଏହି ରୂପ ସହିଷ୍ଣୁତା ଶକ୍ତି ଦେଇ ଅତ୍ୟାଚାରୀମାନେ ଉତ୍ସାହ ଓ ଏ ଭୟ ରହିତ ହୁଅନ୍ତି ।

ଯହିଁରେ ଲୋକମାନେ ସାହସୀ ହେବେ ଓ ସରକାରର ଯଥାର୍ଥ ବନ୍ଧୁରରେ ଦୃଢ଼ ବିଶ୍ୱାସୀ ହୋଇ ଆପଣାମାନଙ୍କ କଷ୍ଟ ଇତ୍ୟାଦି ହାକିମମାନଙ୍କ କର୍ଣ୍ଣ ଗୋଚର କରିବେ ଓ ମକଦ୍ଦମା କରିଲେ ବର୍ତ୍ତମାନ ଯେଉଁ x x x x ମାନ ସାହାଯ୍ୟ କରିବାକୁ ହେଉଅଛି । ତାହାର ଯହିଁରେ ଲାଘବ ହୁଏ ଏପରି ଉପାୟ ସରକାରଙ୍କର ଅବଲମ୍ବନ କରିବା ଉଚିତ । ତାହା ନକଲେ ଗୋଟେ ଗୋଟେ ଆଇନକାନ୍ଥି ନିଯୁକ୍ତ କରିବାରେ କୌଣସି ଫଳ ଦର୍ଶିବ ନାହିଁ । ବଡ଼ ବଡ଼ ଜମିଦାରମାନଙ୍କୁ ଉଚିତ ଯେ ଆପଣା ଇଲାକାରେ ଘଟୁଥିବା ଅତ୍ୟାଚାରମାନ ସରକାରରେ ଜଣାଇ ଦୁଷ୍ଟ ଲୋକ ମାନଙ୍କୁ ଦଣ୍ଡିତ କରିବେ । ସରକାରର କୌଣସି କର୍ମଚାରୀ କୌଣସି ରୟତଙ୍କୁ ପୀଡ଼ା

Digitized by srujanika@gmail.com

ଦେଲେ ଯେ ରସ୍ତକୁ ଅର୍ଥ ଇତ୍ୟାଦ ଦ୍ୱାରା ସାହାଯ୍ୟ କର ପାଳଣ କରିବାକୁ ଇଚ୍ଛାକୁ ଦେବେ ତାହାହେଲେ ତାଙ୍କର ଅର୍ଥ ଏ ଜମିଦାରୀ କରା ସାର୍ଥକ ।

---

## ସାପ୍ତାହିକ ସଂବାଦ—

ଆମ୍ଭେମାନେ ଅତଶୟ ଦୁଃଖର ସହିତ ଅବଗତ ହେଲୁଁ ଯେ ପୁରୀର ମୁନସଫ ଶ୍ରୀଯୁକ୍ତ ବାବୁ ପ୍ରସନ୍ନ ଚନ୍ଦ୍ର ଗାଙ୍ଗୁଲିଙ୍କ ଅକାଳରେ ଏକ ଆଶ୍ଚର୍ଯ୍ୟ ମୃତ୍ୟୁ ହୋଇଅଛୁ । ସେ ସାଧମତେ କଚେରୀର କର୍ମନିର୍ବାହ କର ବସାକୁ ଫେରିଆସି ଅକସ୍ମାତ୍ ପ୍ରାଣତ୍ୟାଗ କଲେ ।

କୌଣସି ରୋଗର କଛୁ ଚହ୍ନ ଜଣା ଗଲନାହିଁ । ତାହାଙ୍କର ଅନେକ କାଳରୁ ପ୍ଳୀହାରୋଗ ଥିଲା କନ୍ତୁ ସେ ବ୍ୟାଧିରେ ଏ ପ୍ରକାର ହଠାତ୍ ମୃତ୍ୟୁ ହେବାର କଛୁ କାରଣ ଜଣାଯାଉନାହିଁ × × ପୂର୍ବରଜା କଲେଖାନାରୁ ଖଲାସ ହୋଇ ବର୍ତ୍ତମାନ ତୁଳସୀପୁରରେ ଛନ୍ତି । ଏହାଙ୍କ ଖୋରାକ ନିମନ୍ତେ ମାସିକ ଟ ୧୫ଙ୍କା ଓ ଗୃହର ଦରମା ଟ ୨୦ଙ୍କା ଏପର ଟ ୩୫ଙ୍କା ପାଉଥିଲେ । ବର୍ତ୍ତମାନ ଶ୍ରୀଯୁତ କମିସ୍ନର ସାହେବଙ୍କ ସୁପାରସ ଅନୁସାରେ ବଙ୍ଗାଳ ଗବର୍ଣ୍ଣମେଣ୍ଟ ଖୋରାକ ଓ ଗୃହର ଦରମାହା ନିମନ୍ତେ ଟ ୫୦ଙ୍କା ଓ ଘରଭଡ଼ା ଟ ୨୦ଙ୍କା ଏପର ଟ ୭୦ଙ୍କା ମଞ୍ଜୁର କରିଅଛନ୍ତି ।

ବୋର୍ଡ ଅବ ରେବନ୍ୟୁର ଜୁନିଅର ମେମ୍ବର ଶ୍ରୀଯୁତ ସକସାହେବ ଯାହା-ଜରେ ପୁରୁଷୋତ୍ତମ ବାଟେ ଗତକାଲି କଟକରେ ପ୍ରବେଶ ହୋଇଅଛନ୍ତି । କମିସ୍ନର ସାହେବ ତାହାଙ୍କୁ ଆଣିବା ନିମନ୍ତେ ପୁରୁଷୋତ୍ତମକୁ ଯାଇଥିଲେ ଅବଗତ ହୋଇଅଛୁଁ ଯେ ଦୁର୍ଭିକ୍ଷ ଅନୁସନ୍ଧାନ କମିସ୍ନରଙ୍କ ସାକ୍ଷାତରେ ସରକାର ପକ୍ଷ ହୋଇ ଲଢ଼ିବା ସବାରେ ପୂର୍ବରୁ କାଗଜପତ୍ର ସଜଲ କରିବାକୁ ଆସିଅଛନ୍ତି । କମିସ୍ନରମାନେ ମଧ୍ୟ ଅତଶୀଘ୍ର ଆସିବେ ଓ ଆଗତ ମାସ ତା ୧୨ରଖରେ ଜମି-ଦାରଙ୍କ ସଙ୍ଗରେ ସାକ୍ଷାତ କରିବେ ।

ସୋମପ୍ରକାଶ ଲେଖନ୍ତି ଯେ ଗତ ନବମ୍ବର ମାସ ତା ୩ ରଖରେ ଅମର ସିଂହ ନାମକ ଏକ ବ୍ୟକ୍ତି ଲକ୍ଷ୍ନୌର ନିକଟରେ ଏକ ବନକୁ ଯାଇ ପ୍ରଥମେ କାଷ୍ଠ ଆହରଣ କଲା । କାଷ୍ଠ ଏକତ୍ରିତ କରିଲା ଉତ୍ତାରୁ ସ୍ନାନ ପୂଜା କର ତହିଁରେ ଅଗ୍ନି ଲଗାଇ ଶେଷରେ ସେଥି ଉପରେ ଆରୋହଣ କର ପ୍ରାଣତ୍ୟାଗ କଲା ।

Digitized by srujanika@gmail.com

ଉକ୍ତ ପତ୍ର ଜନରବ ଶ୍ରବଣ କରିଅଛନ୍ତି ଯେ ଦୁର୍ଭିକ୍ଷ ନିବାରଣ ଉପାୟ କରିବାରେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କର ଅମନୋଯୋଗିତା ପ୍ରକାଶ ହେବାରେ ମହାରାଣୀଙ୍କ ସେକ୍ରେଟେରି ଲର୍ଡ଼ ନାନବୋର୍ଣ୍ଣ ତାହାଙ୍କୁ ତିରସ୍କାର କରି ଏକପତ୍ର ଲେଖିଅଛନ୍ତି । ଏପ୍ରେଲ ମାସର ପୂର୍ବରୁ ବଞ୍ଜିନ ସାହେବଙ୍କୁ ପଦତ୍ୟାଗ କରିବାକୁ ହେବ ।

ଉକ୍ତ ପତ୍ରରୁ ଅବଗତ ହେଲୁଁ ଯେ ବାରକପୁରସ୍ଥିତ ଗୋଲନ୍ଦାଜମାନଙ୍କର ଏକଜଣ ସର୍ଜଣ୍ଟ ଓ ଏକଜଣ କର୍ପୋରାଲ ଓ ଦୁଇଜଣ ସୈନିକ ସରକାରର ଟ ୬୦୦ ଙ୍କା ଘେନି ପଳାଇଛନ୍ତି ସେମାନଙ୍କର ଅଦ୍ୟାପି ସନ୍ଧାନ ପ୍ରାପ୍ତ ହୋଇନାହିଁ ।

ବେଙ୍ଗଲ ନାମକ ପତ୍ର ଲେଖିଅଛନ୍ତି ଯେ ସୁନ୍ଦ ଫିରୋଜପୁରରେ ଏକ ବ୍ୟକ୍ତି ଆପଣା ସ୍ତ୍ରୀ ଉପରେ ସନ୍ଦେହ କରି ତାହାର ନାକ କାଟି ପକାଇଅଛି କାରଣ ନାକ କଟାହେଲେ ସମସ୍ତେ ଘୃଣା କରିବେ । ମାତ୍ର ଯାହା ହେତୁରୁ ଏ ଦୁର୍ଦ୍ଦଶା ହେଲା, ସେ ଘୃଣା ନ କରି ଯେ ବରଂ ଅଧିକତର ସ୍ନେହ କରିବ ତାହା ଶାସ୍ତାର ବୋଧଗମ୍ୟ ହୋଇନାହିଁ । ମନୁଷ୍ୟ ପ୍ରେମାନ୍ଧ ହେଲେ କି ରୂପର ଇତର ଦଶା ଘେନଇ ?

ଏଡୁକେଶନ ଗେଜେଟ ଅବଗତ ହୋଇଅଛନ୍ତି ଯେ ପଞ୍ଜାବର ଜଣେ ସମ୍ଭ୍ରାନ୍ତ ହିନ୍ଦୁ ବଂଶବୃଦ୍ଧି କାମନାରେ ମହାସମାରୋହ ପୂର୍ବକ ଏକ କୃଷ୍ଣମୂର୍ତ୍ତିର ପ୍ରତିମା ସହିତ ତୁଳସୀ ବୃକ୍ଷକୁ ବିଶଦ ବର ଦେଇଅଛନ୍ତି । ଏ ଦେଶରେ ବଟ ଅଶ୍ୱତ୍ଥ ବିବାହ କରିବାର ପ୍ରଥା ପ୍ରଚଳିତ ଅଛି ମାତ୍ର ତୁଳସୀ ବୃକ୍ଷ ସହିତ କୃଷ୍ଣ ମୂର୍ତ୍ତି ବିବାହ ଆମ୍ଭେମାନେ ଶୁଣି ନଥିଲୁଁ ।

ହିନ୍ଦୁ ପେଟ୍ରିଅଟ ଲେଖନ୍ତି ଯେ ରୁଷିୟ ଦେଶର ଲୋକସଂଖ୍ୟା ୮୦୨୫୫୪୩୦ ଓ ଆୟ ଟ ୬୦୦୦୦୦୦୦୦୦ ଙ୍କା ଓ ଖର୍ଚ୍ଚ ଟ ୬୨୦୦୦୦୦୦୦୦ ଙ୍କା ଓ ସୈନ୍ୟ ପଦାତିକ ୬୩୮୮୮୦ ଓ ଅଶ୍ୱାରୋହୀ ୫୯୦୦୦ ଗୋଲନ୍ଦାଜ ୪୯୦୦୦ ଦୁର୍ଗ ମଧ୍ୟ ନିଯୁକ୍ତ ସୈନ୍ୟ ୧୫୦୦୦୦ କସାକଓ ଅନ୍ୟାନ୍ୟ ସୈନ୍ୟ ୧୬୭୦୦୦ ଏପରି ମୋଟ ଯୁଦ୍ଧୋପଯୋଗୀ ଲୋକର ସଂଖ୍ୟା ୧୨୩୮୦ ।

ମୋଫସଲାଇଟ ନାମକ ପତ୍ରିକାରେ ଲେଖାହୋଇଅଛି ଯେ ଭୂତପୂର୍ବ ଦିଲ୍ଲୀ ବାଦସାହଙ୍କ ପୁତ୍ର ମିର୍ଜା ଜୱାନବଖ୍ତଙ୍କ ସ୍ତ୍ରୀ ଗବର୍ଣ୍ଣମେଣ୍ଟ ନାମରେ ଦେଢ଼ଲକ୍ଷ ଟଙ୍କାର ଦାବୀ କରିଅଛନ୍ତି । ଏ ଟଙ୍କାର ଅର୍ଦ୍ଧେ ନଗଦ ଓ ଅର୍ଦ୍ଧେ ପଦାର୍ଥ ବାଦସାହଙ୍କ ସ୍ତ୍ରୀଙ୍କ ଘରେ ଜମା ଥିଲା । ଦିଲ୍ଲୀ ଲୁଟ ହେବା ସମୟରେ ଭୂତପୂର୍ବ କମିସନର ସାହେବ ତାହା ଦେଖି ଜବତ କଲେ ।

Digitized by srujanika@gmail.com

Split by PDF Splitter



ହିନ୍ଦୁ ପେଟ୍ରିଅଟରୁ ଅବଗତ ହେଲୁଁ ଯେ ଭୂପାଳର ବେଗମଙ୍କ ରାଜ୍ୟର ବିସ୍ତୃତ ୬୭୬୪ ବର୍ଗ ମାଇଲ ଓ ରାଜସ୍ୱ ଟ ୧୩୬୨୨୫୨ ଙ୍କା ଓ ଲୋକସଂଖ୍ୟା ୬୬୩୬୫୬ ବେଗମଙ୍କୁ ୧୯ ତୋପ ସଲାମି ଦିଆଯାଏ । ତାହାଙ୍କ ସୈନ୍ୟ ଅଶ୍ୱାରୋହୀ ୭୨୩ ପଦାତିକ ୩୪୨୮ ଓ ତୋପ ୭୩ ଓ ଗୋଲନ୍ଦାଜ ୨୭୩ ଅଛନ୍ତି ୧୮୫୭ ସାଲ ବିଦ୍ରୋହ ସମୟରେ ଯେଉଁମାନେ ଉତ୍ତମ କାର୍ଯ୍ୟ କରିଥିଲେ ସେମାନଙ୍କୁ ଜାଗିର ଦେଇଅଛନ୍ତି ।

ଶ୍ରୀଯୁତ ସି. ପି. ହବହାଉସ ସାହେବ ଗବର୍ଣ୍ଣର ଜେନରଲଙ୍କ ବ୍ୟବସ୍ଥାପକ ସଭାର ସଭ୍ୟ ହୋଇଅଛନ୍ତି । ହିନ୍ଦୁ ପେଟ୍ରିଅଟ ଲେଖନ୍ତି ଯେ ୧୮୫୯ ସାଲର ୧୦ ଆଇନ ଚଳିତ ସେସନରେ ସଂଶୋଧନ ହେବ ଓ ହବହାଉସ ସେଥିର ମୁସାବଦା ପ୍ରସ୍ତୁତ କରିବାର ଭାର ଗ୍ରହଣ କରିବେ ।

ମାନ୍ଦ୍ରାଜ ଟାଇମସ ପତ୍ରିକା ଲେଖନ୍ତି ଯେ ମାନ୍ଦ୍ରାଜର ଗବର୍ଣ୍ଣର ଲର୍ଡ ନେପିୟର ଲୋକମାନଙ୍କ ଦୁର୍ଦ୍ଦଶା ନିବାରଣର ଉପାୟ କରିବା ନିମନ୍ତେ ଦୁର୍ଭିକ୍ଷ ପୀଡ଼ିତ ଦେଶମାନଙ୍କରେ ସ୍ୱୟଂ ଭ୍ରମଣ କରି ଯଥୋଚିତ ସମୟରେ ଆବଶ୍ୟକ ଉପାୟ କରିବାରୁ ବିଲାତର ସେକ୍ରେଟରୀ ଲର୍ଡ କ୍ରେନବୋର୍ଣ୍ଣ ତାହାଙ୍କ ପ୍ରତି ସନ୍ତୁଷ୍ଟ ହୋଇ ଏକପତ୍ର ଲେଖିଅଛନ୍ତି ଯେ ଏଥିରେ ସର୍ଜନ ଲରେନ୍ସ ଓ ସର ସିସିଲବିଡ୍‌ନଙ୍କର ଲର୍ଡ ନେପିୟରଙ୍କ ପ୍ରତି ଈର୍ଷା ଜନ୍ମିପାରେ ।


## ବିଜ୍ଞାପନ

### ଘୋଡାଦୌଡ଼—

ଡିସେମ୍ବର ମାସ ତା ୨୯ ରିଖରେ ଓ ଆଗତ ଜାନୁୟାରି ମାସ ତା ୧ ରିଖରେ ଖୁଣ୍ଟକଲଆଗଂଜ ମୁକାମରେ ଘୋଡ଼ାଦଉଡ଼ ହେବ । ଯାହାଙ୍କର ଦୌଡ଼କୁ ଘୋଡ଼ା ଦେବାର ମାନସଥିବ ସେମାନଙ୍କୁ ପ୍ରାର୍ଥନା କରାଯାଉଅଛି ଯେ ଡାକ୍ତର ଯାକ୍‌ସନ ସାହେବଙ୍କ ନିକଟରେ ଆପଣାର ଅଭିପ୍ରାୟ ପ୍ରକାଶ କରିବେ ।


## ମୂଲ୍ୟ ପ୍ରାପ୍ତ

ଶ୍ରୀଯୁତ ବାବୁ ଉର୍ଦ୍ଧବଚରଣ ମାହାନ୍ତି ମୁଣ୍ଡାର କଟକ······ଟ ୨ଙ୍କା

ଏ ପତ୍ରିକା ସମ୍ପର୍କୀୟ ସମସ୍ତ ଚିଠିପତ୍ର ଓ ଟଙ୍କା ଇତ୍ୟାଦି ଶ୍ରୀ ଗୌରିଶଙ୍କର ରାୟ ମେନେଜରଙ୍କ ନାମରେ ପଠାଇବାକୁ ହେବ ।

ଏହି ଉତ୍କଳ ଦୀପିକା ସହର କଟକ ଆଲାମଚାନ୍ଦ ବଜାର କଟକ ପ୍ରିଣ୍ଟିଂ କମ୍ପାନିର ପଥର ଛାପାରେ ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରଚାର କରାଗଲା ।

Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା

| | | |
|---|---|---|
| ୧ ଭାଗ<br>୨୦ ସଂଖ୍ୟା | ତା ୨୨ ରିଖ ମାହେ ଡିସେମ୍ବର<br>ସନ ୧୮୬୬ ମସିହା । ମୁ ।<br>୯ ଦିନ ପୌଷ ସନ<br>୧୨୭୪ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ୫୲<br>ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ଟ୬୲<br>ମଫସଲ ଗ୍ରାହକ ମାନଙ୍କୁ<br>ମୂଲ୍ୟ ଛଡ଼ା ଡାକମାସୁଲ<br>୧ ବର୍ଷକୁ ଟ ୩। |


## ସନ ୧୮୬୬ ମସିହାର ଦୁର୍ଭିକ୍ଷ ଅନୁସନ୍ଧାନ କମିସନର

ଆମ୍ଭେମାନେ ଅବଗତ ହୋଇ ଅଛୁଁ ଯେ ଦୁର୍ଭିକ୍ଷ ଅନୁସନ୍ଧାନ ନିମିତ୍ତ ଶ୍ରୀଯୁକ୍ତ ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ଯେଉଁ କମିସନ ନିଯୁକ୍ତ କରିଅଛନ୍ତି ତାହା ବିଲାତରେ ଥିବା ଭାରତ ବର୍ଷର ସେକ୍ରେଟରିଙ୍କ ଆଦେଶାନୁସାରେ ହୋଇଅଛି । ବିଲାତର ଲୋକମାନଙ୍କ ଏ ରୂପ ବିଶ୍ବାସ ହୋଇଅଛି ଯେ ଦୁର୍ଭିକ୍ଷ ନିବାରଣ ନିମନ୍ତେ ସ୍ଥାନୀୟ ସରକାର କର୍ମ୍ମଚାରୀମାନେ ଓ ଭାରତବର୍ଷର ଗବର୍ଣ୍ଣମେଣ୍ଟ ଯଥେଷ୍ଟ ଉପାୟ କରିନାହାନ୍ତି ବରଂ ସ୍ୱକର୍ମ ସାଧନରେ ତ୍ରୁଟି କରିଅଛନ୍ତି । ବିଲାତୀୟ ଲୋକଙ୍କର ଏ ବିଶ୍ବାସ କରିବାର ଯଥାର୍ଥ କାରଣ ଅଛି କି ନା ଏହା ତଦନ୍ତ କରିବା କାରଣ ଓ ସ୍ଥାନୀୟ ହାକିମମାନେ ପ୍ରଥମରୁ ସାବଧାନ ଓ ମନଯୋଗ ପୂର୍ବକ କର୍ମ କରିଥିଲେ ତାହାଙ୍କୁ ଉକ୍ତ ଦୁର୍ନାମରୁ ମୁକ୍ତ ହେବା ନିମନ୍ତେ ଗବର୍ଣ୍ଣର ଜେନେରଲ ସାହେବ ସରକାରୀ କର୍ମଚାରୀ ଓ ସ୍ୱାଧୀନ ବ୍ୟକ୍ତିମାନଙ୍କୁ ଏଭାର ଅର୍ପଣ କରିଅଛନ୍ତି । ଅତଏବ ସର୍ବସାଧାରଣଙ୍କୁ ଆମ୍ଭେମାନେ ବାରବାର ଅନୁରୋଧ କରୁଁ ଯେ ଏକମିସନର ମାନେ ଯାହାଠାରୁ ଯେଉଁ ବିଷୟ ଜାଣିବାକୁ ପ୍ରାର୍ଥନା କରନ୍ତି ସେସବୁ ସେମାନେ ନିର୍ଭୟ ଓ ପ୍ରକୃତ ରୂପେ ବ୍ୟକ୍ତ କରିବେ ଓ କୌଣସି ପ୍ରକାର ଅମ୍ଭ ହାନିର ଅମୂଳକ ଆଶଙ୍କାକରି ମିଥ୍ୟା ପ୍ରତ୍ୟୁତ୍ତରରେ ଉକ୍ତ ମହୋଦୟମାନଙ୍କୁ ଚକ୍ଷିତ କରିବେ ନାହିଁ ।

କେହି ୨ ଜମିଦାର ଏରୂପ ମନରେ କରୁଅଛନ୍ତି ଯେ ଡେମ୍ପୀୟର ସାହେବଙ୍କ ପ୍ରେରିତ ସମସ୍ତ ପ୍ରଶ୍ନର ଉତ୍ତର ଦେଲେ ଉତ୍ତର କାଳକୁ ତାହା ତାଙ୍କ ଜମିଦାରୀର ଲାଭ ବୃଦ୍ଧି ବାଧକ ହେବ । ମାତ୍ର ଏରୂପ ଅନୁମାନ ଅତ୍ୟନ୍ତ ଭ୍ରମମୂଳକ ସନ୍ଦେହ

Digitized by srujanika@gmail.com

Split by PDF Splitter



ନାହିଁ । ଏମାନେ ଜମିଦାରୀର ବନ୍ଦୋବସ୍ତ ସକାଶେ ଆସୁ ନାହାନ୍ତି କେବଳ ଦୁର୍ଭିକ୍ଷ ସମୟରେ ଭିନ୍ନ ଭିନ୍ନ ଶ୍ରେଣୀର ଲୋକ କି ପ୍ରକାରେ କାର୍ଯ୍ୟନିର୍ବାହ କରୁଥିଲେ ଓ ତାଙ୍କପ୍ରତି ସରକାର ଦୃଷ୍ଟି ରଖିଥିଲେ କି ନାହିଁ ଏହା ଜାଣିବା କାରଣ ଉକ୍ତ ପ୍ରଶ୍ନମାନ ସର୍ଜନ ହୋଇଅଛି । ଏଥିରୁ ଶାସନ ପ୍ରଣାଳୀର ପ୍ରକୃତ ପରିଚୟ ପ୍ରାପ୍ତତଦ୍ୱାରା ସର୍ବସାଧାରଣଙ୍କର ମଙ୍ଗଳ ହେବ ।

ବିଲାତର ଲୋକମାନେ ଗବର୍ଣ୍ଣର ଜେନରଲ ଓ ଲେଫ୍ଟନେଣ୍ଟ ଗବର୍ଣ୍ଣର ଦୁହିଙ୍କର ଦୋଷ ଦେଉ ଅଛନ୍ତି । ହିନ୍ଦୁ ପେଟ୍ରିଅଟ ଏଥିରେ ନିମ୍ନଲିଖିତ ଉଦାହରଣମାନ ଦେଇଅଛନ୍ତି । ଫ୍ରେଣ୍ଡ ଅବ ଇଣ୍ଡିଆର ବିଲାତ ସମ୍ବାଦଦାତା ଏକପତ୍ରରେ ଲେଖିଅଛନ୍ତି ଯେ ବିଲାତର ଜଣେ ସମ୍ଭ୍ରାନ୍ତବ୍ୟକ୍ତି ଧନକର ତାଙ୍କୁ ପଚାରିଲେ ଯେ ଯଦ୍ୟପି ଓଡ଼ିଶାରେ ଏ ପ୍ରକାର ଘଟଣା ହେଲା ତେବେ ଗବର୍ଣ୍ଣର ଜେନରଲ ସାର ସିସିଲ ବିଡ଼ନଙ୍କୁ ବରଖାସ୍ତ କରି ଅନ୍ୟ ଏକ ତେଜସ୍ୱୀ ବ୍ୟକ୍ତିଙ୍କୁ ତାଙ୍କ କର୍ମରେ ମୁକରର କରି ସରକାରର ସମସ୍ତ ଅଧିକାର ତାହାଙ୍କୁ ଦେଇ ତତ୍‌କ୍ଷଣାତ୍ ଓଡ଼ିଶାକୁ କାହିଁକି ନ ପଠାଇଲେ ।

ଉକ୍ତ ଲେଖକ ଅନ୍ୟ ଏକ ପତ୍ରରେ ଲେଖନ୍ତି ଯେ ଗବର୍ଣ୍ଣମେଣ୍ଟ ବଙ୍ଗାଳ ଓ ଇଣ୍ଡିଆ ଅଳ୍ପ ବଦାନ୍ୟତା ଓ ଶୁଳ୍କ ସହକାରେ ଯେ ସ୍ଥଳେ ଅନେକ ଲୋକଙ୍କୁ ବଞ୍ଚାଇଥାନ୍ତେ ସେସ୍ଥଳେ ତାହା ନକରି ସେମାନଙ୍କୁ ମାରି ପକାଇ ଅଛନ୍ତି ।

କରି ନ ପାରିବାର ବାହାନା ସେମାନଙ୍କ ପକ୍ଷରେ ଅନର୍ଥକ ମାନ୍ଦ୍ରାଜର ଲର୍ଡ଼ ନେପିଅର କରିଅଛନ୍ତି । ଓ ଲର୍ଡ ନେପିୟର କି ଯାହାଙ୍କ ପାଖରେ ଗବର୍ଣ୍ଣର ଜେନରଲ ହେବାର ହୁକୁମ ପତ୍ର ଅଛି ତାହାଙ୍କ କଥାରେ ଅବହେଳା ହୋଇ ନ ପାରେ । ଆମ୍ଭେ ଶୁଣି ଅଛୁଁ ଯେ ଓଡ଼ିଶା ତଦନ୍ତ ସକାଶେ ଏଠାରୁ ରାଜା ଆଜ୍ଞା ଦେନ ଲୋକ ସିବେମାନ ଏତେ ଦୂରଯାଏ ପ୍ରାପ୍ତ ହେବନାହିଁ । ଜଣେ ବିଲାତର ଉଚ୍ଚତର ସମ୍ଭ୍ରାନ୍ତ ବ୍ୟକ୍ତି ହିନ୍ଦୁସ୍ତାନର ଗବର୍ଣ୍ଣର ଜେନରଲ ହୋଇ ଆସିବାର ବିସ୍ତର ସମ୍ଭାବନା ଅଛି ।

ଦୁର୍ଭିକ୍ଷ ସମୟରେ ଗବର୍ଣ୍ଣର ଜେନରଲ ସାହେବ ସିମଲା ପାହାଡ଼ରେ ନିଶ୍ଚିନ୍ତ ବସିଥିବା କଥା ଉଲ୍ଲେଖ କରି ଉକ୍ତ ଲେଖକ ଅନ୍ୟ ଏକ ସ୍ଥାନରେ ଲେଖିଅଛନ୍ତି ଯେ ସୁସ୍ଥତାର ଓଜର ଅଗ୍ରାହ୍ୟ ଯଦ୍ୟପି ଗବର୍ଣ୍ଣରମାନେ ନିତାନ୍ତ ମରିବେ ତେବେ ମରନ୍ତୁ ମାତ୍ର ଆପଣା କର୍ତ୍ତବ୍ୟ କର୍ମ କରୁ କରୁ ମରନ୍ତୁ । ଗବର୍ଣ୍ଣର ଅନେକ ପ୍ରାପ୍ତ ହେବେ । ମାତ୍ର ଆମ୍ଭେ ଆଉ ଗୋଟିଏ ନୂତନ ଭାରତବର୍ଷ ପାଇବାନାହିଁ । ଶାସନ କର୍ତ୍ତାମାନେ ଅଧିକ କର୍ମଚାରୀଙ୍କୁ ଖରାରେ କର୍ମ କରିବାପାଇଁ ରଖି ଆପେ ଶୀତଳବାୟୁ ସେବନାର୍ଥେ ଗ୍ରୀଷ୍ମ କାଳରେ ପାହାଡ଼କୁ ପଳାଇବା ସ୍ୱାର୍ଥପର ତାର ଶେଷ ଅଟଇ ।

Digitized by srujanika@gmail.com

Split by PDF Splitter



ଉପର ଲେଖିତ ପ୍ରସଙ୍ଗରୁ ପାଠକମାନେ ବିଲାତ ଲୋକଙ୍କ ଅଭିପ୍ରାୟ ସମ୍ବନ୍ଧରେ ବୁଝି ପାରିବେ ବାସ୍ତବରେ ଓଡ଼ିଶା ଦୁର୍ଭିକ୍ଷର କଥା ବିଲାତରେ ବର୍ତ୍ତମାନ ସବୁ ପ୍ରକାରରେ ଆନ୍ଦୋଳନ ହେଉଅଛି । ସମ୍ବାଦ ପତ୍ରରେ ମଧ୍ୟ ଭାରତ ବର୍ଷୀୟ ଗବର୍ଣ୍ଣମେଣ୍ଟର ନିନ୍ଦା ପ୍ରକାଶ ହେଉଅଛି । ଏକ ସମ୍ବାଦ ପତ୍ର ଲେଖନ୍ତି ଯେ ଯେତେ-ବେଳେ ପ୍ରାୟ ଦଶଲକ୍ଷ ପ୍ରାଣୀ ଅନାହାର ବଶତଃ ପ୍ରାଣତ୍ୟାଗ କରିବାର କଥା ବିସ୍ତର କରିଯାଏ ତେତେବେଳେ ଇଂରାଜ ଶାସନ ପ୍ରଣାଳୀର ଉତ୍କୃଷ୍ଟତାର ସମସ୍ତ ଅଭିମାନ ଏକାବେଳେ ଲୋପ ହୁଅଇ ଏବଂ ଅପାରଗତା ଯଦ୍ୟପି ସଭ୍ୟତା ପକ୍ଷ ଦୋଷାକର ହୁଅଇ ତେବେ ଏତେ ଲୋକର ଅମଙ୍ଗଳକର ଘଟଣା କୌଣସି ଅଂଶରେ ନିବାରଣ କରିବାକୁ ଇଚ୍ଛା ନକରିବା ମନୁଷ୍ୟତା ପକ୍ଷ କେତେ ଦୋଷାକର ତାହା ବଚନାତୀତ । କମିସ୍ନରମାନଙ୍କ ତଦାରଖର ରିପୋର୍ଟ ନମିଳିବା ପର୍ଯ୍ୟନ୍ତ ବିଲାତ ଲୋକଙ୍କ ମନରେ ନାନାପ୍ରକାର କଥା ଉଦୟ ହେଉଥିବ ଓ ଜମିଦାର ପ୍ରଭୃତିଙ୍କ ଉତ୍ତର ଉପରେ ତାହାଙ୍କ ବିଶ୍ୱାସର ସତ୍ୟାସତ୍ୟ ନିର୍ଭର ରଖଇ ।

---

## ଚାଉଳ ବଜାର—

ବର୍ତ୍ତମାନ କଟକ ସହରରେ ଚାଉଳ ଅପ୍ରାପ୍ୟ ହେବାର ଅନେକ ଲୋକ ଆଶଙ୍କା ପ୍ରକାଶ କରୁଅଛନ୍ତି । କିଛି କାଳ ପୂର୍ବରେ ଏଠାରେ ଟଙ୍କାକୁ ୧୪ ସେର ଚାଉଳ ପ୍ରାପ୍ତ ହେଉଥିଲା ମାତ୍ର ଏ ସପ୍ତାହରେ ଏକ ଏକ ଦିନ ୮ ସେରରେ ମଧ୍ୟ ସହଜରେ ପ୍ରାପ୍ତ ହେଉନାହିଁ । ଏଥିର କାରଣ କି ? ଗତବର୍ଷ ଏରୂପର ହୋଇଥିଲା ମାତ୍ର ଶସ୍ୟହାନି ସେଥିର କାରଣ ଥିଲା ଏବର୍ଷ ସେପରି ହୋଇନାହିଁ । ବଢ଼ିରେ ଅନେକ ଲୋକହାନି ହୋଇଅଛି ସତ୍ୟ ମାତ୍ର ଯେ ପରିମାଣରେ ଶସ୍ୟ ରକ୍ଷା ପାଇଅଛି ସେଥି ବିବେଚନାରେ ଏ ରୂପ ଫଳ ଘଟିବାର କୌଣସି କାରଣ ନାହିଁ ଏବଂ ଗଡ଼ଜାତ ଓ ଅନ୍ୟାନ୍ୟ ସ୍ଥାନରେ ପ୍ରଚୁର କ୍ଷେତ କଟାଯାଇ ଥିବାରୁ ସ୍ଥାନୀୟ ବ୍ୟୟ ଛଡ଼ା ଅନେକ ଧାନ୍ୟ ସହରକୁ ବିକି ଆସିବାର ସମ୍ଭାବନା ଅଛି ମଧ୍ୟ ନ୍ୟୂନାଧିକରେ ଆସୁଅଛି । ଦଣ୍ଡିଦାରଙ୍କ ତଞ୍ଚକତା ଏଥିର ଏକ କାରଣ ସ୍ୱରୂପ ଆଗତ ହେଉଅଛି । ମାତ୍ର ଏହା କି ପର୍ଯ୍ୟନ୍ତ ଯଥାର୍ଥ ଓ କି ପ୍ରକାରେ ସେମାନେ ଏହା କରୁଅଛନ୍ତି ଏ ସମସ୍ତ ନିଶ୍ଚୟ ହେଉନାହିଁ । କାରଣ ତାହାଙ୍କ ତଞ୍ଚକତାରୁ ଏ ଫଳ ଘଟୁଥିଲେ ଦୁଇ ଏକଦିନ ପାଇଁ ୧୪ ସେର ଭାଉ ଏଠାରେ କଦାଚ ହୋଇ ନଥାନ୍ତା କିମ୍ବା ସମ୍ବଲପୁର ଇତ୍ୟାଦି ସ୍ଥାନରୁ ଚାଉଳ ଆମଦାନୀ ହେବା ମାତ୍ରକେ ଭାଉର ବ୍ୟତିକ୍ରମ ହୁଅନ୍ତା ନାହିଁ । ଅତଏବ ଆମ୍ଭମାନଙ୍କର ବିଶ୍ୱାସ ଯେ ଯଦ୍ୟପି ଭାଉର ଉପରେ ଦଣ୍ଡିଦାରଙ୍କ

Digitized by srujanika@gmail.com

Split by PDF Splitter



କୌଣସି ଅଧିକାର ଥାଏ ତାହା ଅତି ସାମାନ୍ୟ ଓ ଖାଦ୍ୟ ପରିବର୍ତ୍ତିନ ହେବାର ଅନ୍ୟ କାରଣମାନ ଅଛି ଅନୁସନ୍ଧାନ କରିବା ଆବଶ୍ୟକ ।

ଅପାତତ ଆମ୍ଭମାନଙ୍କର ଏହି ବିବେଚନା ହେଉଅଛି ଯେ ସହରରେ ଖାଉର ସ୍ଥିରତା ହୋଇ ନପାରେ । ଏଠାରେ ସମସ୍ତେ କବିଶିଆ ଲୋକ ବାସ କରନ୍ତି ଓ ଅଧିକାଂଶ ଲୋକ ସଦ୍ୟୁପାୟୀ ଏମାନଙ୍କର ଏ ରୂପ ସଙ୍ଗତି ନାହିଁ ଯେ ଏକାବେଳକେ ବର୍ଷକର ଖାଦ୍ୟ କ୍ରୟ କରି ରଖିବେ ।

ଅତଏବ ସହରରେ ପ୍ରତିଦିନ ଗୃହୁଲର ଗ୍ରାହକ ପ୍ରାୟ ସମାନ ଥାନ୍ତି । ମାତ୍ର ଏଠାରେ ଫସଲ ହୁଅଇ ନାହିଁ କିମ୍ବା ଏପରି ବନ ବେପାରୀ ନେହିଁ ନାହିଁ ଯେ ସହରର ଦୁଇ ତିନମାସର ଖାଦ୍ୟୋପଯୋଗି ଶସ୍ୟ ଗୋଦାମରେ ରଖି ଖୁଚରା ବିକ୍ରେତା ଦ୍ଵାରା ବିକି କରିପାରିବ ଓ ମଫସଲରୁ ବୃହଦାକାରରେ ଶସ୍ୟ ଅଣାଇବ ସୁତରାଂ ମଫସଲ ଓ ବିଦେଶର ଆମଦାନି ଉପରେ ଖାଉ ନିର୍ଭର ରଖଇ । ଯେ ଦିନ ଅନେକ ଆମଦାନି ହେଉଛି ସସ୍ତା ଓ ତହିଁ ବିପରୀତରେ ମହାର୍ଘ୍ୟ ହୁଅଇ । ଯେବେ କିଣା ବିକି ପକ୍ଷରେ ଦୋକାନଦାରଙ୍କ ସନ୍ଦେହ ହୁଅନ୍ତି ତେବେ ଶୀଘ୍ର ଛଡ଼ାଇ ଦେବାକୁ ଖୁବି ସସ୍ତା କରନ୍ତେ । ମାତ୍ର ସେମାନେ ଜାଣନ୍ତି ଯେ ଏଠାରେ ସମସ୍ତଙ୍କର ଦରକାର ଏଥକୁ ଆମଦାନି ଊଣା ଦେଖିଲେ ସ୍ଵଭାବତ ଲାଭେଚ୍ଛାରେ ମହାର୍ଘ୍ୟ କରି ବିକ୍ରି କରନ୍ତି ।

କିନ୍ତୁ ଯଥେଷ୍ଟ ଶସ୍ୟ ହୋଇଥିବା ପ୍ରତକ୍ଷେ ଆମଦାନି ନ ହେବାର କାରଣ କି ? ଗତବର୍ଷର ଦୁର୍ଭିକ୍ଷ ଲୋକଙ୍କୁ ଶସ୍ୟ ସଂଗ୍ରହ ପକ୍ଷରେ ଏ ରୂପ ଉପଦେଶ ଦେଇ ଅଛି ଯେ ତାହା ଅନେକ ବର୍ଷ ପର୍ଯ୍ୟନ୍ତ ମନରୁ ପାସୋରି ହେବନାହିଁ । ଏଥକୁ ମଫସଲର ସକଳ ସ୍ଥାନରେ ପ୍ରଚୁର ଶସ୍ୟ ହୋଇନାହିଁ । ବିଶେଷରେ ଜଳହାନି ସ୍ଥାନ ମାନଙ୍କରୁ ଏ ରୂପ କଷ୍ଟ ହୋଇଅଛି ଯେ ସେମାନେ ଉପରସ୍ଥ ଜଳ କ୍ଷେତରୁ ଅନେକ ମୂଲ୍ୟ ଦେଇ ଧାନ ଘେନି ଯାଉଅଛନ୍ତି । ଏହାଛଡ଼ା ଧାନକଟା କର୍ମ ଅନେକ ସ୍ଥାନରେ ଶେଷ ହୋଇନାହିଁ । ଏ ରୂପ ଅବସ୍ଥାରେ ପ୍ରଚୁର ଶସ୍ୟ ସହରକୁ ଆସିବାର କଦାଚ ସମ୍ଭବ ନୁହଇ ଓ ଯଦ୍ୟପି କେ ଯାହା କିଛିହିଁ ଆସୁଥାନ୍ତା ତାହା ସମଲପୁର ଆମଦାନିରୁ ଓ କାଟଯୋଡ଼ିର ଡକାଯା ନଥିବାରୁ ସ୍ଥଗିତ ହୋଇଅଛି । ଯେତେବେଳେ କଟକରେ ସମଲପୁରୀ ଗୃହୁଲ ୧ ଟଙ୍କାରେ ୧୪॥୧୫ ସେର ହେଲା ତେତେବେଳେ ମଫସଲରେ ଏ ଭାଉ ହୋଇ ନଥିଲା ଓ ମଫସଲ ବେପାରୀମାନେ କଟକକୁ ଗୃହୁଲ ଆଣିଲେ ତାହାଙ୍କୁ ସସ୍ତା ବିକିବାକୁ ହେବ ଓ ସେଥିରେ ତାଙ୍କର ଲାଭ ହେବନାହିଁ ଏ ଭୟରେ ସେମାନେ କଟକକୁ ଆସିବାକୁ ଇଚ୍ଛା କରୁନାହାନ୍ତି । ଏତେବେଳେ

Digitized by srujanika@gmail.com

Split by PDF Splitter



ମଫସଲ ଅପେକ୍ଷା ସହରରେ ଖାଉ ଉଣା ଧରିଲ ମଫସଲରୁ ବେପାର ଆସିବ କାରବାରିମାନେ ଏହା କହୁଅଛନ୍ତି । ଫଳତଃ ବର୍ତ୍ତମାନାବସ୍ଥାରେ ଚାଉଳ ଅଧିକ ସସ୍ତା ହେବାର ସମ୍ଭାବନା ନାହିଁ । ପ୍ରଜାମାନେ ଆପଣା ଆପଣା କ୍ଷେତୋତ୍ପନ୍ନ ଶସ୍ୟର କିଳଣା କରି ଫଯାର ଖର୍ଚ୍ଚ ନିମନ୍ତେ ରଖି ପାରିଲେ ଭବିଷ୍ୟତରେ ଚାଉଳ ସୁଲଭ ହେବ ସମ୍ଭବ ହେଉଅଛି । ସରକାରଙ୍କୁ ଉଚିତ ଯେ ତଳହଟି ସକାଶେ ଅନ୍ୟୂନରେ ଏକଲକ୍ଷ ମହଣ ଗୋଦାମ କରି ରଖନ୍ତୁ ଓ ତାହା ସମୟରେ ଖରିଦ ମୂଲ୍ୟରେ ବିକ୍ରି କରିବେ । ଏପରି ହେଲେ ଏବର୍ଷ କିଛି ସୁମାରରେ ଜନମାନେ ନବାନ୍ନ କରିପାରିବେ ଓ ଚାଉଳର ଖାଉ ୧୨ ସେରରୁ ଊଣା ହେବନାହିଁ । ଯାହାହେଉ ଆମ୍ଭେମାନେ ଅବଗତ ହେଲୁଁ ଯେ ଶ୍ରୀଯୁକ୍ତ ମାକ୍ ସାହେବ ଏଥିର ବହୁତ ବନ୍ଦୋବସ୍ତ କରିଯାଇ ଅଛନ୍ତି ଓ ଏବର୍ଷ ମଧ୍ୟ ସରକାରୀ ଚାଉଳ ବରାବର ଏ ଜିଲ୍ଲକୁ ଆସୁଥିବ ।

---

## କଟକ ସ୍କୁଲର ଶିକ୍ଷା ପ୍ରଣାଳୀ—

ପ୍ରବେଶିକା ପରୀକ୍ଷା ସକାଶେ ନିର୍ଦ୍ଧାରିତ କସ୍ୟା ଏକଖଣ୍ଡ ସାହିତ୍ୟ ପୁସ୍ତକ ଦୁଇବରଷ ପଢ଼ିବାର କଟକ ସ୍କୁଲରେ ପ୍ରଚଳିତ ଥିବା ରୀତି ଯେ ଅତି ହାନିଜନକ ସେ ବିଷୟ ଆମ୍ଭେ ଏଥିପୂର୍ବ ଲେଖିଅଛୁଁ ଓ ଉକ୍ତ ଅନିଷ୍ଟ ଦୂରୀକରଣ ସକାଶେ ଦ୍ୱିତୀୟ ଶ୍ରେଣୀରେ ଅନ୍ୟ କୌଣସି ପୁସ୍ତକ ପାଠ ସକାଶେ ଅନୁରୋଧ କରୁଅଛୁଁ । ମାତ୍ର ଦ୍ୱିତୀୟ ଶ୍ରେଣୀରେ ପ୍ରବେଶିକା ପରୀକ୍ଷାର ସାହିତ୍ୟ ପୁସ୍ତକ ପାଠ କରାଇବାର ଯଦି ଅତ୍ୟନ୍ତ ଅଭିଳାଷ ଥାଏ । ସ୍କୁଲ କର୍ମଚାରୀମାନଙ୍କର ଏପରି କୌଣସି ନିୟମ କରା ଉଚିତ ଯଦ୍ଦ୍ୱାରେ ବାଳକମାନଙ୍କୁ ଏକଖଣ୍ଡି ପୁସ୍ତକ ବାରମ୍ବାର ଦୁଇବରଷ ପଢ଼ିବାକୁ ନହୁଏ । ଚଳିତ ବର୍ଷ ଦ୍ୱିତୀୟ ଶ୍ରେଣୀରେ ସନ ୧୮୭୭ ସାଲର ଓ ପ୍ରଥମ ଶ୍ରେଣୀରେ ସନ ୧୮୭୬ ସାଲର ପ୍ରବେଶିକା ପରୀକ୍ଷା ନିମନ୍ତେ ନିର୍ଦ୍ଧାରିତ କସ୍ୟା ସାହିତ୍ୟ ପୁସ୍ତକ ପାଠ କରୁଥିଲେ ଓ ଚଳିତ ରୀତି ଅନୁସାରେ ଆଗତ ବର୍ଷରେ ଦ୍ୱିତୀୟ ଶ୍ରେଣୀରେ ସନ ୧୮୭୮ ଓ ପ୍ରଥମ ଶ୍ରେଣୀରେ ୧୮୭୭ ସାଲ ନିମନ୍ତେ ନିର୍ଦ୍ଧାରିତ ପୁସ୍ତକ ପାଠ କରିବେ । ଅତଏବ ବର୍ତ୍ତମାନ ଯେଉଁ ବାଳକମାନେ ଦ୍ୱିତୀୟରୁ ପ୍ରଥମ ଶ୍ରେଣୀକୁ ଉଠିବେ ସେମାନେ ସନ ୧୮୭୭ ସାଲର ଅର୍ଥାତ ଏବର୍ଷ ଆରମ୍ଭରୁ ଯେଉଁ ପୁସ୍ତକ ପଢୁଅଛନ୍ତି ସମୁଦାୟ ଆଗତ ବର୍ଷ ସୁଦ୍ଧା ସେହି-ପୁସ୍ତକ ପାଠ କରିବେ । ମାତ୍ର ଏହା ନହୋଇ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଉଭୟରେ ଯଦି ଏକ ପୁସ୍ତକ ପାଠ କରୁଥାଆନ୍ତେ ତେବେ ଏପରି ହୁଅନ୍ତା ନାହିଁ । ଦ୍ୱିତୀୟ ଶ୍ରେଣୀରେ

Digitized by srujanika@gmail.com